

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୯ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 June 2026

Vol.No. 36 ■ No.159 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଆମେରିକା-ଇରାନ ଶାନ୍ତି ଚୁକ୍ତିରେ ମୋହର : ମାସ ମାସ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇଲେ ଟ୍ରମ୍ପ-ପେଜେଶକିଆନ

## ଚୁକ୍ତି ନେଇ ଆମେରିକୀୟ ଥିଙ୍କ ଟ୍ୟାଙ୍କ ଦେଲା ଚେତାବନୀ



ନୂଆଦିଲ୍ଲୀ,୧୮/୬ : ବିଶ୍ୱ ରାଜନୈତିକ କ୍ଷେତ୍ରରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି। ଗତ କିଛି ମାସ ଧରି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିପଦପୂର୍ଣ୍ଣ ସାମରିକ ଏବଂ କୂଟନୈତିକ ସଂଘର୍ଷର ଶେଷରେ ଅନ୍ତ ଘଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଏକ ଐତିହାସିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି, ଯାହାକୁ ବିଶ୍ୱ ଶାନ୍ତି ଦିଗରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ଫ୍ରାନ୍ସର ଭର୍ସେଲ୍ସ ପ୍ୟାଲେସରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ରାତ୍ରୀଭୋଜନରେ ଯୋଗ ଦେଇଥିଲେ । ଟ୍ରମ୍ପ ଚୁକ୍ତିନାମାର ହାର୍ଡ କପିରେ ସ୍ୱାକ୍ଷର କରିଥିଲେ ଏବଂ ଗର୍ବର ସହିତ ସାମ୍ବାଦିକମାନଙ୍କୁ 'ଇଟସ୍ ସାଇନଡ୍' ବୋଲି କହିଥିଲେ। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା ଏବଂ ଡିଜିଟାଲ୍ କପିଗୁଡ଼ିକ ତୁରନ୍ତ ଇରାନ ଏବଂ ମଧ୍ୟସ୍ଥତାକାରୀ ଦେଶଗୁଡ଼ିକୁ ପଠାଯାଇଥିଲା। ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ଉଭୟ ଦେଶ ଆଗାମୀ ୬୦ ଦିନ ପାଇଁ ସମ୍ପୂର୍ଣ୍ଣ ସଂଯମତା ଅବଲମ୍ବନ କରିବେ। ଏହି ସମୟ ମଧ୍ୟରେ, ଆମେରିକା ଏବଂ ଇରାନ ଉଭୟ ଏପରି କୌଣସି ସାମରିକ, ଅର୍ଥନୈତିକ କିମ୍ବା ରାଜନୈତିକ କାର୍ଯ୍ୟରୁ ବିରତ ରହିବେ ଯାହା ପାରସ୍ପରିକ ବିଶ୍ୱାସକୁ ଦୁର୍ବଳ କରିପାରେ କିମ୍ବା ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିପାରେ। ରବିବାର ଦିନ ଏହି ଚୁକ୍ତିନାମାର ମୂଳଦୁଆ ପଡ଼ିଥିଲା, ଯେତେବେଳେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକର ଗାଲିବାଫ ଏହାକୁ ଇଲେକ୍ଟ୍ରୋନିକ୍ ଭାବରେ ସ୍ୱାକ୍ଷର କରିଥିଲେ। ଏବେ, ଦୁଇ ଦେଶର ଆଲୋଚନା ଦଳଗୁଡ଼ିକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଦିନ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଠାରେ ଏହି ଢାଞ୍ଚାକୁ ଏକ ସ୍ଥାୟୀ ଏବଂ ସମ୍ପୂର୍ଣ୍ଣ ଚୁକ୍ତିନାମାରେ ପରିଣତ କରିବା ଉପରେ ଆଲୋଚନା ହେବ। ଶାନ୍ତି ବଦଳରେ, ଇରାନ ଏହାର ଅର୍ଥନୀତିକୁ ପୁନର୍ଜୀବିତ କରିବା ପାଇଁ କଠୋର ଚୁକ୍ତି କରିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସ୍ପଷ୍ଟ କରିଛନ୍ତି ଯେ, ତେହେରାନକୁ ଏବେ କୌଣସି ପରିବହନ କିମ୍ବା

◆◆ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ: ଗୃହ ବିଭାଗର ଓଏସଡି ଦୟାଲ ଗଙ୍ଗୱାର ନିଲମ୍ବିତ



ଭୁବନେଶ୍ୱର, ୧୮/୬ (ନି.ପ୍ର): ରାଜ୍ୟ ପ୍ରଶାସନରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗୃହ ବିଭାଗର ଓଏସଡି ଥିବା ବରିଷ୍ଠ ଆଇପିଏସ ଅଫିସର ଦୟାଲ ଗଙ୍ଗୱାରଙ୍କୁ ସରକାର ନିଲମ୍ବିତ କରିଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ମାମଲାକୁ ନେଇ ଦୟାଲ ଗଙ୍ଗୱାର ବିବାଦ ଘେରକୁ ଆସିଥିଲେ । କନେଷ୍ଟବଳଙ୍କ ପରିବାର ଲୋକେ ଶ୍ରୀ ଗଙ୍ଗୱାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ସୌମ୍ୟରଞ୍ଜନଙ୍କୁ ସରକାରୀ କାର୍ଯ୍ୟ ବ୍ୟତୀତ ନିଜର ବ୍ୟକ୍ତିଗତ କାମରେ ଖଟାଇବା ଏବଂ ମାନସିକ ନିର୍ଯାତନା ଦେବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା ।ଏହି ବିବାଦ ପରେ ପୂର୍ବରୁ ତାଙ୍କୁ ଏଡିଜି କମ୍ୟୁନିକେସନ ପଦବୀରୁ ବଦଳି କରାଯାଇ ଗୃହ ବିଭାଗର ଓଏସଡି କରାଯାଇଥିଲା । ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସିଧାସଳଖ ନିଲମ୍ବନ ଆଦେଶ ଦେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପରେ ପ୍ରଶାସନିକ ସ୍ତରରେ ହଲଚଲ ସୃଷ୍ଟି ହୋଇଛି ।

# ଜେଲ୍ ଡିଆଇଜିଙ୍କୁ ଲିଟୁଆ ଦେଖାଇଥିଲା ନାଲିଆଖି; ଜେଲ୍ ଭିତରେ ପଚାରିଥିଲା 'ଚିହ୍ନିଛନ୍ତି ମୁଁ କିଏ ?

ଭୁବନେଶ୍ୱର, ୧୮/୬ (ନି.ପ୍ର): ଚୌଦ୍ୱାର ଜେଲ୍‌ରୁ ଲିଟୁଆ ମୁକୁଳିବା ସମୟରେ, ତାକୁ ଆଣିବାପାଇଁ ଗ୍ୟାଙ୍ଗଷ୍ଟରଙ୍କ ଥାର୍ ପଶିବା ଘଟଣାକୁ ନେଇ ବିବାଦ ନଥମୁଣ୍ଡ, ଜେଲ୍ ଡିଆଇଜି କଲେ ଆଉ ଏକ ବଡ଼ ଖୁଲାସା । ଜେଲ୍ ଭିତରେ ବି କେମିତି ତୋଡ଼ ଦେଖାଉଥିବା ଲିଟୁଆ, ଖୋଦ୍ ଜେଲ୍ ଡିଆଇଜିଙ୍କୁ କାହିଁକି ପଚାରିଥିଲା ମୋତେ ଚିହ୍ନିଛନ୍ତି, ଏସବୁର ଗୁମର ଖୋଲିଛନ୍ତି । ସେପଟେ କଏଦୀ ଖସିବା ପରେ ଥାର୍ ପଶିବା ଘଟଣାକୁ ନେଇ ଚୌଦ୍ୱାର ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ଉଠିଛି । ୨-୩ ମାସ ତଳେ ଚୌଦ୍ୱାର ଜେଲ୍‌ରେ ଅଚାନକ ଚଢ଼ାଉ କରିଥିଲେ ଜେଲ୍ ଡିଆଇଜି । ଲିଟୁଆ ୱାର୍ଡରେ ପଶି ତା ପ୍ୟାଣ୍ଟ ପକେଟ୍‌ରୁ ଜବତ କରିଥିଲେ କିଛି ଟଙ୍କା । ସେତିକି ବେଳେ ଚିହିଁକି ଉଠିଥିଲା ଲିଟୁଆ। ଜେଲ୍ ଡିଆଇଜିଙ୍କୁ ପଚାରିଥିଲା, ଚିହ୍ନିଛନ୍ତି ମୁଁ କିଏ ? ଲିଟୁଆ ମୁକୁଳିବା ବେଳେ ଚୌଦ୍ୱାର ଜେଲ୍ ଭିତରେ ପଶିଥିଲା ଗ୍ୟାଙ୍ଗଷ୍ଟରଙ୍କ ଥାର୍ ଗାଡ଼ି।

◆◆ପୃଷ୍ଠା ୭

# ମୌସୁମୀ ଅଧିବେଶନରେ ପୁନଃ ଆଗତ ହୋଇପାରେ ସୀମା ପୁନଃନିର୍ଦ୍ଧାରଣ ବିଲ୍



ନୂଆଦିଲ୍ଲୀ,୧୮/୬ : ଆଜିକାଲି ଭାରତୀୟ ରାଜନୀତିରେ ବିରୋଧୀ ଶିବିରରେ ବିଭାଜନକୁ ନେଇ ଅନେକ ଚର୍ଚ୍ଚା ହେଉଛି। ମମତା ବାନାର୍ଜୀଙ୍କ ଟିଏମ୍‌ସି ପରେ ଉଦ୍ଧବ ଠାକରେଙ୍କ ଦଳରେ ମଧ୍ୟ ବିଦ୍ରୋହ ଦେଖାଦେଇଛି। ଏହି ଦୁଇଟି ରାଜନୈତିକ ଘଟଣା ପରେ ପୁଣି ଥରେ ଲୋକସଭା ଆସନ ସଂଖ୍ୟାକୁ ନେଇ ବିତର୍କ ତୀବ୍ର ହୋଇଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ସୀମା ପୁନଃନିର୍ଦ୍ଧାରଣ ବିଲ୍। କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରାଇବା ପାଇଁ ସଂସଦରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ବିରୋଧୀ ଦଳଗୁଡ଼ିକରେ ବିଦ୍ରୋହ ଏହି ଆଲୋଚନାକୁ ଖୋରାକ ଯୋଗାଉଛି। ସୀମା ପୁନଃନିର୍ଦ୍ଧାରଣ ଅର୍ଥ ହେଉଛି ଦେଶରେ ଜନସଂଖ୍ୟା ପରିବର୍ତ୍ତନକୁ ଆଧାର କରି ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ କରିବା। ଭାରତୀୟ ସମ୍ବିଧାନ ଅନୁଯାୟୀ, ପ୍ରତ୍ୟେକ ଜନଗଣନା ପରେ ଆସନଗୁଡ଼ିକର ପୁନର୍ଗଠନ ହେବା ଉଚିତ। କିନ୍ତୁ ଦକ୍ଷିଣ ରାଜ୍ୟଗୁଡ଼ିକର ବିରୋଧ ପରେ ୧୯୭୬ରେ ୪୨ତମ ସଂଶୋଧନ ଦ୍ୱାରା

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଫରେଷ୍ଟର

ଭୁବନେଶ୍ୱର, ୧୮/୬ (ନି.ପ୍ର): ଜଙ୍ଗଲ ରାସ୍ତାରେ ଟ୍ରାକ୍ଟର ନେବାକୁ ଅନୁମତି ଦେବା ପାଇଁ ୨୫୦୦୦ ଟଙ୍କା ଲାଞ୍ଚ ନେବା ସମୟରେ ପୁରୀଜିଲ୍ଲା ଡେଲାଙ୍ଗ ବନାଞ୍ଚଳର ଫରେଷ୍ଟର ରାକେଶ କୁମାର ପଣ୍ଡା ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଫରେଷ୍ଟର ଶ୍ରୀ ପଣ୍ଡା ଜଙ୍ଗଲ ରାସ୍ତାରେ ଟ୍ରାକ୍ଟର ନେବା ପାଇଁ ଏହାର ମାଲିକଙ୍କ ଠାରୁ ୨୫,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ବିଭାଗ ଚଢ଼ଉ କରିଥିଲା। ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳର ଜଣେ ଟ୍ରାକ୍ଟର ମାଲିକ ନିଜ ଜମିର ଖାଳ ଅଞ୍ଚଳରେ ମାଟି ପକାଇବାକୁ ଚାହୁଁଥିଲେ। କିନ୍ତୁ ତାଙ୍କର ଜମିକୁ ମାଟି ଆଣିବାକୁ ହେଲେ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡୁଥିଲା।

# ଏବର୍ଷ ବଦଳିବନି ବହି: ଭୁଲ ବହି ପଢ଼ିବେ ପିଲା, ଶିକ୍ଷକଙ୍କ କାନ୍ଧରେ ସଂଶୋଧନ ଭାର



ଭୁବନେଶ୍ୱର, ୧୮/୬ (ନି.ପ୍ର): ପିଲାଙ୍କ ପାଠ୍ୟପୁସ୍ତକରେ ହୋଇଥିବା ବିରାଟ ତ୍ରୁଟିକୁ ନେଇ ଉଠୁଛି ପଡୁଛି ସାରାରାଜ୍ୟ । ଏତେ ବଡ଼ ତ୍ରୁଟି ହେଲା କେମିତି ? ଲକ୍ଷ ଲକ୍ଷ ପିଲା ତ୍ରୁଟି ପୂର୍ଣ୍ଣ ବହିରେ କେମିତି ପଢ଼ିବେ ? ଏହାକୁ ନେଇ ସରକାର ଅଡୁଆରେ ପଡିଛନ୍ତି । ସେପଟେ ତ୍ରୁଟିର କାରଣ ଖୋଜିବା ପାଇଁ ଆରମ୍ଭ ହୋଇଛି ତନାଘନା । କିନ୍ତୁ ବିଡମ୍ବନାର ବିଷୟ ବହିରେ ତ୍ରୁଟି ଥିବା ଜାଣିବା ପରେ ବି ଚାଲିଛି ବହି ତିଆରି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ହଜାର ହଜାର ଭୁଲ ପରେ ବିରକ୍ତ ହୋଇଥିଲେ ମୁଖ୍ୟମନ୍ତ୍ରୀ । ତୁରନ୍ତ ତ୍ରୁଟିର ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଭୁବନେଶ୍ୱରସ୍ଥିତ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରରୁ ଆସିଛି ଚିନ୍ତାଜନକ ଚିତ୍ର । ଆଜି ବି ଚାଲିଥିଲା ତ୍ରୁଟିପୂର୍ଣ୍ଣ ବହିର ଛପା ଓ ବାଇଣ୍ଡିଂ କାମ । ବହିରେ ଭୁଲ୍ ଥିବା ଜାଣିବା ସତ୍ତ୍ୱେ ପୁସ୍ତକ ତିଆରି ବନ୍ଦ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପକ୍ଷରୁ କିମ୍ବା ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ । ଯାହାକି ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି । ବଡ଼ କଥା ହେଉଛି ବହିରେ ତ୍ରୁଟି ଥିବା ନେଇ ମେ' ମାସରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଥିଲା । କିନ୍ତୁ ସେଥିରେ ସଂଶୋଧନ ନକରି ବହି ଛପା ଜାରି ରଖିଥିଲେ । ବିବାଦ ବଢ଼ିବା ପରେ ସଫେଇ ରଖିଛନ୍ତି ଏସ୍‌ସିଇଆରଟି ନିର୍ଦ୍ଦେଶିକା । ସ୍ପଷ୍ଟ କରିଛନ୍ତି, ଏବର୍ଷ ଆଉ ସଂଶୋଧିତ ବହି ଛପାଯିବ ନାହିଁ । ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ଛପା ହୋଇଥିବା ଭୁଲ ବହିର ତ୍ରୁଟିକୁ ସଂଶୋଧନ ଶବ୍ଦ ପୁସ୍ତିକା ମାଧ୍ୟମରେ ଠିକ୍ କରି ପାଠପଢ଼ା ହେବ । ଛୋଟ ଶ୍ରେଣୀର ପିଲାଙ୍କୁ ଶିକ୍ଷକ-ଶିକ୍ଷୟିତ୍ରୀ ସଂଶୋଧନ ବୁଝାଇବେ । ବଡ଼ ଶ୍ରେଣୀର ଛାତ୍ରଛାତ୍ରୀ ସେହି ପୁସ୍ତିକା ଦେଖି ନିଜେ ସଂଶୋଧନ କରି ପଢ଼ିବେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ତ୍ରୁଟିର କାରଣ ଖୋଜା । ଉନ୍ନୟନ କମିଶନଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ କମିଟି ଅନୁଧ୍ୟାନ କରୁଛନ୍ତି । ୭ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ଦେବେ ରିପୋର୍ଟ । ତେବେ ପ୍ରଶ୍ନ ଉଠୁଛି, ରିପୋର୍ଟରେ ଫଳାଫଳ ଯାହା ବି ଆସୁ ପିଲାଙ୍କ ସମସ୍ୟାର ସମାଧାନ କେମିତି ହେବ । ବହିର ହଜାର ହଜାର ଭୁଲକୁ ସୁଧାରାଯିବ କେମିତି ? ସବୁ ପିଲାଙ୍କ ଏତେ ବହିରେ ସଂଶୋଧନ କରିପାରିବେ ତ ଶିକ୍ଷକ ? ଗାରିଆ ମାରିଆ ହୋଇଥିବା ବହି ପଢ଼ିବେ କି ପିଲା ? ଯଦି ବା ଲେଖାକୁ ଠିକ୍ କରିଦିଆଯିବ, କିନ୍ତୁ ଭୁଲ ଫଟୋକୁ କେମିତି ଠିକ୍ କରାଯିବ ? ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ହେବ ତ କାର୍ଯ୍ୟାନୁଷ୍ଠାନ ?


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


# ଆସୁଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ: ସ୍ୱାଗତ ପାଇଁ ସଜେଇ ହୋଇଛି ମୟୂରଭଞ୍ଜ



ରାଇରଙ୍ଗପୁର, ୧୮/୬ (ନି.ପ୍ର): ରାତି ପାହିଲେ ରାଇରଙ୍ଗପୁରରେ ପହଞ୍ଚିବେ ରାଷ୍ଟ୍ରପତି । ଦିନକ ପରେ ଜନ୍ମମାଟିରେ ପାଳିବେ ଜନ୍ମଦିନ । ସାମିଲ ହେବେ ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତିଙ୍କ ଗାଁ ବୁଲିବେ । ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବେ । ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି । ମୟୂରଭଞ୍ଜ ପାଇଁ ହେବ ଐତିହାସିକ ମୁହୂର୍ତ୍ତ । ଯୋଡ଼ି ହେବ ନୂଆ ଅଧ୍ୟାୟ । ରାଇରଙ୍ଗପୁରରେ ଏକାଠି ହେବେ ଦେଶର ଦୁଇ ଶୀର୍ଷ ନେତୃତ୍ୱ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ପାଳନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଦୁଇ ମୁଖ୍ୟଙ୍କ ସ୍ୱାଗତ ପାଇଁ ସଜେଇ ହେଲାଣି ରାଇରଙ୍ଗପୁର ସମେତ ପୂରା ମୟୂରଭଞ୍ଜ । ଲାଗିଲାଣି ସ୍ୱାଗତ ପୋଷ୍ଟର ଓ ହୋର୍ଡିଂ । ସମାବେଶ ପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ । ଏବେ ଅପେକ୍ଷା ମାଟିର ଝିଅ ଓ ନବ ଭାରତର ନିର୍ମାତା ନରେନ୍ଦ୍ର ମୋଦୀଙ୍କୁ । କାଲି ଅପରାହ୍ଣ ୩ଟା ୧୫ରେ ରାଇରଙ୍ଗପୁରରେ ପହଞ୍ଚିବେ ରାଷ୍ଟ୍ରପତି । ମହୁଲଡ଼ିହାସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିବେ । ତାପର ଦିନ ଜନ୍ମମାଟିରେ ପାଳନ କରିବେ ଜନ୍ମଦିନ । ୨୦ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ପାହାଡ଼ପୁରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସ୍ୱାଗତ କରିବେ ରାଷ୍ଟ୍ରପତି । ସେଠାରୁ ଉଭୟ ପାହାଡ଼ପୁରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ପୂଜାସ୍ଥଳକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବେ । ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଗସ୍ତ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ରାଇରଙ୍ଗପୁର ।

◆◆ପୃଷ୍ଠା ୭

# ସରିଲା ଖରା ଛୁଟି: ଖୋଲିଲା ସ୍କୁଲ

ଭୁବନେଶ୍ୱର, ୧୮/୬ (ନି.ପ୍ର): ଶେଷ ହେଲା ଖରା ଛୁଟି। ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକ ହେଲା ପାଠପଢ଼ା । ସକାଳୁ ବାଜିଲା ସ୍କୁଲ ଘଣ୍ଟା ସ୍କୁଲ ଭିତରକୁ ପ୍ରବେଶ କଲେ ଛାତ୍ରଛାତ୍ରୀ। ବର୍ତ୍ତମାନ ମୌସୁମୀ ଆସିଥିଲେ ମଧ୍ୟ ରାଜ୍ୟରେ ଦିନବେଳା ତାପମାତ୍ରା ଅଧିକ ରହୁଛି। ଏପରି ପରିସ୍ଥିତିରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି କିଛି ଜିଲ୍ଲାରେ ସକାଳୁଆ ସ୍କୁଲ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଆଜିଠୁ ୧୦ ରୁ ୪ ପର୍ଯ୍ୟନ୍ତ ସ୍କୁଲ ଖୋଲାଯାଇଛି। ସେହିପରି ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ମୟୂରଭଞ୍ଜ ଓ ଅନୁଗୋଳ ସମେତ କିଛି ଜିଲ୍ଲାରେ ୨୦ ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ଘୋଷଣା ଖରା ଛୁଟି ପରେ ପୁଣି ସ୍କୁଲ ଖୋଲିଥିବାରୁ

◆◆ପୃଷ୍ଠା ୭

# ୬୫ ବର୍ଷର ଗୌରବକୁ ନେଇ ଭିକମପାଲି ହାଇସ୍କୁଲର ମହାମିଳନ ପ୍ରସ୍ତୁତି

ଝାରସୁଗୁଡ଼ା, ୧୮/୦୬ (ନି.ପ୍ର): ଲଖନପୁର ବ୍ଲକ ଅନ୍ତର୍ଗତ ଭିକମପାଲି ହାଇସ୍କୁଲର ୬୫ତମ ପ୍ରତିଷ୍ଠା ଦିବସ ଆସନ୍ତା ଜୁଲାଇ ୨ ତାରିଖରେ ଭବ୍ୟ ଭାବେ ପାଳନ କରାଯିବ। ଏହି ଐତିହାସିକ ଉତ୍ସବର ସଫଳ ଆୟୋଜନ ନେଇ ରବିବାର ଭିକମପାଲି କଲ୍ୟାଣ ମଣ୍ଡପଠାରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ବରିଷ୍ଠ ସଦସ୍ୟ ଦୁଃଖୀଶ୍ୟାମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ ଓ ଆକର୍ଷଣୀୟ କରିବା ସହ ବିଦ୍ୟାଳୟର ୬୫ ବର୍ଷର ଗୌରବମୟ ଯାତ୍ରାକୁ ଉଦ୍‌ଯାପନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ଅବଦାନ, ପୁରାତନ ଛାତ୍ରଛାତ୍ରୀଙ୍କ ସ୍ମୃତି ଓ ସଫଳତାକୁ ଉଜାଗର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଉପରେ ମତ ପ୍ରକାଶ ପାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ଅଭିଭାବକ, ପୂର୍ବତନ ଓ ବର୍ତ୍ତମାନର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ପୁରାତନ ଛାତ୍ର ସଂସଦର ସଦସ୍ୟମାନଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତଙ୍କ ସକ୍ରିୟ ସହଯୋଗରେ ଏହି ଉତ୍ସବକୁ ଏକ ସ୍ମରଣୀୟ ମିଳନ ପର୍ବରେ ପରିଣତ କରିବା ପାଇଁ କମିଟି ପକ୍ଷରୁ ଆହ୍ୱାନ ଜଣାଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ସହ ସମନ୍ୱୟ ବୃଦ୍ଧି ନିମନ୍ତେ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଅନଲାଇନ୍ ମାଧ୍ୟମରେ ସମ୍ପର୍କ ସମ୍ଭବ ନହେଉଥିବା ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଫୋନ୍ ଯୋଗେ ସୂଚନା ପ୍ରଦାନ କରିବାକୁ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି।

ବୈଠକରେ ଭବାନୀ ଶଙ୍କର ମେହେର, ଅଶ୍ୱିନୀ ପୂଜାରୀ, ସରୋଜ ନନ୍ଦ, ମୁରଲୀଧର ବିଶ୍ୱାଳ, ଦିଲ୍ଲିପ ପଟେଲଙ୍କ ସମେତ ପୁରାତନ ଛାତ୍ର ସଂସଦର ବହୁ ସଦସ୍ୟ ଯୋଗଦେଇ ନିଜ ମତାମତ ରଖିଥିଲେ। ଶେଷରେ ସମ୍ପାଦକ ପୌଲସ୍ତ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବଲାଙ୍ଗୀରର ଝିଅ କଳ୍ପନାଙ୍କୁ ଜୁନିୟର ଫେଲୋସିପ୍

ବଲାଙ୍ଗୀର, ୧୮/୦୬ (ନି.ପ୍ର): ବର୍ତ୍ତମାନ ଯୁବପିଢ଼ି ଆଧୁନିକ ଜୀବନର ଯାପନ କରୁଥିବାବେଳେ ନିଜର କଳା ସଂସ୍କୃତି ପରମ୍ପରାକୁ ଭୁଲି ଯାଉଛନ୍ତି କିନ୍ତୁ ଏହି ଡିଜିଟାଲ ଯୁଗରେ ମଧ ନିଜର ପରମ୍ପରା ସଂସ୍କୃତି ଉଜ୍ଜିବିତ ରଖିବା ପାଇଁ ପ୍ରୟାସ କରୁଛି କିଛି ଉଚ୍ଚ ଚିନ୍ତାଧାରା ଯୁବପିଢ଼ି ସେହିପରି ଏକ ପ୍ରତିଭା ହେଲେ ବଲାଙ୍ଗୀର ସହରର କଂସାରିପଡ଼ା ବାସିନ୍ଦା ତଥା ପଶ୍ଚିମ ଓଡ଼ିଶା ସୁପରିଚିତ ନୃତ୍ୟଶିଳ୍ପୀ କଳ୍ପନା ଭ୍ୟାସଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପକ୍ଷରୁ ଜୁନିୟର ଫେଲୋସିପ୍ ୨୦୨୫-୨୬ ପାଇଁ ମନୋନୀତ ହୋଇଛନ୍ତି। ସେ ପଶ୍ଚିମ ଓଡ଼ିଶା ପାରମ୍ପରିକ ଢାପ ନୃତ୍ୟ ଉପରେ ଦୁଇ ବର୍ଷର ଗବେଷଣା କରିବେ। ୨୭ ବର୍ଷୀୟ କଳ୍ପନା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମାଷ୍ଟର ପଫମୀ ଆଟ୍‌ରେ ଡିଗ୍ରୀ କରିଛନ୍ତି। ଛୋଟବେଳୁ ସେ ପଶ୍ଚିମ ଓଡ଼ିଶା ଢାପ ନୃତ୍ୟ ପ୍ରତି ତାଙ୍କ ରୁଚି ରହିଛି। ଆମର ଲୁକି ଆସୁଥିବା କଳା ସଂସ୍କୃତି କେ ବଂଚେଇବା ରଖି ତାର ପ୍ରଚାର ପ୍ରସାର କରିବା ପାଇଁ ଆଗାମୀ ଦିନରେ ଆମର ଆଗାମୀ ପିଢି ଏହି ପରମ୍ପରାକୁ ଭୁଲିବେ ନାହିଁ ସେଥିପାଇଁ ମୁଁ ପ୍ରୟାସ କରୁଛି। ପଶ୍ଚିମ ଓଡ଼ିଶା ଏକ ଲୋକପ୍ରିୟ ନୃତ୍ୟ ହେଉଛି ଢାପା ଯାହାର ଅନେକ ଇତିହାସ ରହିଛି। ତେଣୁ ଏହି ନୃତ୍ୟ କେବେ ଲୋପ ନପାଉ ତେଣୁ ମୋ ପ୍ରାଣ ଥିବା ଯାଏ ଏହା ଉପରେ କାମ କରିବି। ପଶ୍ଚିମ ଓଡ଼ିଶାର ନୃତ୍ୟ ପ୍ରଚାର ପାଇଁ ଆମେ ନୃତ୍ୟ ଗ୍ରୁପ୍ ଖୋଲିଛୁ ଯାହାର ନାଁ ତାଲ୍ ଟ୍ରାୟୋ ରହିଛି ଏହା ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ମଂଚ ଆମେ ପଶ୍ଚିମ ଓଡ଼ିଶା ଲୋକ ନୃତ୍ୟ ପରିବେଷଣ କରିଆସୁ ବୋଲି ସେ କହିଛନ୍ତି। ଏଠାରେ ପ୍ରକାଶ ଥାଉକି ଯେ କଳ୍ପନା ଜଣେ ପଶ୍ଚିମ ଓଡ଼ିଶା ଆଗଧାଡିର ଅଭିନେତ୍ରୀ ସେ ପଶ୍ଚିମ ଓଡ଼ିଶାର ଭାଷାରେ ତିଆରି ହୋଇଥିବା ଗୁଦନୀ ଚଳଚିତ୍ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫେଲୋସିପ୍ ଅଧୀନରେ ତାଙ୍କୁ ମାସିକ ଷ୍ଟାଇପେଣ୍ଡ ମିଳିବ। ସେ ଗବେଷଣା ଶେଷରେ ଢାପ ନୃତ୍ୟକୁ ନେଇ ଏକ ଡକ୍ୟୁମେଂଟ ତିଆରି କରିବେ। କଳ୍ପନାଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟୁଛି। ବଲାଙ୍ଗୀରର ବରିଷ୍ଠ କଳାକାର ମାନେ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ

ପୁରୀ , ୧୮/୦୬ (ନି.ପ୍ର): ପୁରୀଜିଲ୍ଲା ସାକ୍ଷୀଗୋପାଳ କୃଷିବିଜ୍ଞାନ କେନ୍ଦ୍ର ଠାରେ ବିକାଶ ଧାରା ଓଡିଶା ସାରା ଚିନ୍ତାଧାରା ଉପରେ ପର୍ଯ୍ୟବେସିତ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହିକର୍ମଶାଳାର ମୁଖ୍ୟ ବିଷୟବସ୍ତୁ ଥିଲା ଜୈବିକ କୃଷିର ମୂଳ ଧାରଣା ଓ ଗୁରୁତ୍ୱ, ମୃର୍ତିକା ସାସ୍ଥ୍ୟ ପରିଚାଳନା, ଜୈବିକସାର ଓ ଜୈବ କୀଟନାଶକର ବ୍ୟବହାର, ପ୍ରାକୃତିକ ଓ ଜୈବିକ ଚାଷ ପଦ୍ଧତି ଓ ପ୍ରଣାଳୀ, ଜୈବିକ ପ୍ରଣାଳୀକରଣ ଓବଜାର ସୁଯୋଗ ସୃଷ୍ଟି, ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗକରଣ, ସଫଳ ଜୈବିକ ଚାଷୀ ଓ ଗୋଷ୍ଠୀଙ୍କ ଅନୁଭୂତି ଓ ଜ୍ଞାନବିନିମୟ ଆଦି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ରନାଥ ପ୍ରଧାନ, ଅଧ୍ୟକ୍ଷ, କୃଷି ସୁଚନା ଓ ପରାମର୍ଶ କେନ୍ଦ୍ର,ସତ୍ୟବାଦୀ, ଆୟୋଜକ ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ , ଚନ୍ଦ୍ରମୋହନ ଚାନ୍ଦ, ଉଦ୍ୟାନ କୃଷି ନିର୍ଦ୍ଦେଶିକା ଡଃମଂଜୁଳା ତ୍ରିପାଠୀ, କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ ସୂର୍ଯ୍ୟନାରାୟଣ ମିଶ୍ର ଓଅନ୍ୟ ବୈଜ୍ଞାନିକ ଗଣ ଓ କୃଷକ ଉତ୍ପାଦନକାରୀ ଗୋଷ୍ଠୀର ସଦସ୍ୟମାନେ ଯୋଗଦାନ କରିବା ପୂର୍ବକ ଏହାକୁ ସଫଳ କରାଇଥିଲେ ।

# ମାଲକାନଗିରିରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ମାଲକାନଗିରି , ୧୮/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ସଫଳ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ବେଶ୍ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଯୋଗଦେଇ ମାଲକାନଗିରିର ବିକାଶମୂଳକ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଯୋଜନା ଏବଂ ପର୍ଯ୍ୟାଲୋଚନା ଉପ-ନିର୍ଦ୍ଦେଶକ ପରମେଶ୍ୱର ରାଉତ ଉପସ୍ଥିତ ଥିଲେ।ଏହି ଅବସରରେ ମାନ୍ୟବର ବିଧାୟକ ନିଜ ଅଭିଭାଷଣରେ କହିଛନ୍ତି ଯେ ମାଲକାନଗିରିର ବିକାଶ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମ ସମସ୍ତଙ୍କର ଏକ ସଂକଳ୍ପ । ବିକାଶର ଧାରା ଓଡ଼ିଶା ସାରା ଅଭିଯାନ ମାଧ୍ୟମରେ ଆଜି ଆମ ଜିଲ୍ଲାର ପ୍ରତିଟି କୋଣରେ, ପ୍ରତିଟି ବ୍ଲକରେ ପ୍ରଗତିର ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରିଛି । ସରକାରୀ ବିଭାଗଗୁଡ଼ିକର ନିଷ୍ଠାପର ଉଦ୍ୟମ ଏବଂ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଯୋଜନା ଆଜି ମାଲକାନଗିରିର ଶେଷ ସୀମାନ୍ତରେ ଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ପହଞ୍ଚିପାରିଛି । ଆଗାମୀ ଦିନରେ ସମସ୍ତେ ମିଳିମିଶି ଏହି ବିକାଶର ଧାରାକୁ ଆହୁରି ତ୍ୱରାନିତ କରିବା ପାଇଁ ବିଧାୟକ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମକୁ ଆଗେଇ ନେଇ ମାଲକାନଗିରି ଜିଲ୍ଲାପାଳ ଜିଲ୍ଲାର ପ୍ରଗତି ଓ ସଫଳତା ସମ୍ପର୍କରେ ନିଜ ବକ୍ତବ୍ୟ ରଖି କହିଛନ୍ତି ଯେ ଗୋଟିଏ ସମୟରେ ଦୁର୍ଗମ ଆଖ୍ୟା ପାଇଥିବା ମାଲକାନଗିରି ଆଜି ଓଡ଼ିଶାର ବିକାଶ ମାନଚିତ୍ରରେ ଏକ ଅଗ୍ରଣୀ ଓ ଆଦର୍ଶ ଜିଲ୍ଲା ଭାବେ ଉଭା ହୋଇଛି। ଚାଷୀ ଭାଇଙ୍କ ସଶକ୍ତୀକରଣ, ମା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଏବଂ ଦୁର୍ଗମ ଅଞ୍ଚଳର ଜନଜାତି ଯୁବ ପ୍ରତିଭାଙ୍କ ମେଡିକାଲ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହିଁ ବାସ୍ତବ ପ୍ରଗତିର ପ୍ରମାଣ। ସମ୍ପୂର୍ଣ୍ଣତା ଅଭିଯାନରେ ଜିଲ୍ଲାକୁ ମିଳିଥିବା ୪ଟି ସ୍ୱର୍ଣ୍ଣ ପଦକ ପ୍ରଶାସନର ନିରନ୍ତର ପ୍ରୟାସ ଓ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗର ମିଳିତ ପରିଣାମ। ଆଗାମୀ ଦିନରେ ରେଳପଥ, ଏୟାରଷ୍ଟ୍ରିପ୍ ଏବଂ ପର୍ଯ୍ୟଟନର ବିକାଶ ମାଲକାନଗିରିର ସାମଗ୍ରିକ ଚେହେରା ବଦଳାଇ ଦେବ। ମାଲକାନଗିରିକୁ ଓଡ଼ିଶାର ଏକ ସର୍ବଶ୍ରେଷ୍ଠ, ସୁସ୍ଥ ଓ ସମୃଦ୍ଧ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ଜିଲ୍ଲାପାଳ କହିଛନ୍ତି ।କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ଶେଷରେ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ ତଥା ସଫଳ ପରିଚାଳନା କରିଥିଲେ।ଏହି ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଭାବେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ମାନ ଆୟୋଜନ କରାଯାଇଥିଲା। ଏହି ଷ୍ଟଲଗୁଡ଼ିକ ମାଧ୍ୟମରେ ବିଭିନ୍ନ ବିଭାଗର ଜନକଲ୍ୟାଣକାରୀ ଯୋଜନା, ସଫଳତା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଅତିଥିମାନେ ଏହି ଷ୍ଟଲଗୁଡ଼ିକୁ ବୁଲି ଦେଖିବା ସହ ପ୍ରଶାସନର ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ। ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଯୋଜନାକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏବଂ ବିକାଶ କାର୍ଯ୍ୟକ୍ରମ ସହ ଜଡ଼ିତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କଲ୍ୟାଣମୂଳକ ଯୋଜନାର ଅଗ୍ରଗତିକୁ ନେଇ ଏହି ସମ୍ମିଳନୀରେ ଏକ ସକାରାତ୍ମକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

# ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ରଥ ସମ୍ମୁଖରେ ଅନଧିକୃତ ନୃତ୍ୟକୁ ବିରୋଧ

ପୁରୀ, ୧୮/୦୬ (ନି.ପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଘୋଷ ଯାତ୍ରା ( ରଥଯାତ୍ରା ) ସମୟରେ ରଥ ସମ୍ମୁଖରେ ଅନଧିକୃତ ନୃତ୍ୟ ପ୍ରଦର୍ଶନ, ପରମ୍ପରା ଗତ ରୀତିନୀତି ର ସୁରକ୍ଷା ଆଦି ବିଷୟକୁ ଗମ୍ଭୀରତା ର ସହ ନେଇ, ପୁରୀ ପରମ୍ପରା ସୁରକ୍ଷାମଂଚ, ଅଚ୍ୟୁତନ୍ତ ଟ୍ରଷ୍ଟ ଏବଂ ଅନ୍ୟ ଆଠଟି ଅନୁଷ୍ଠାନ ଏକ ୬ ଦଫା ସମ୍ବଳିତ ଦାବିପତ୍ର ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କୁ ପ୍ରଦାନ କରିଛନ୍ତି । ମଂଚର ଆବାହିକା ରୋମା ଦାସମହାପାତ୍ରଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧି ମଣ୍ଡଳ ଯାଇ, ଜିଲ୍ଲାପାଳ ଓ ଏସପି ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଘୋଷଯାତ୍ରା ସମୟରେ, ରଥ ସମ୍ମୁଖରେ ହେଉଥିବା ସମସ୍ତ ନୃତ୍ୟ ପ୍ରଦର୍ଶନ ସମ୍ପର୍କରେ ଏକ ସ୍ପଷ୍ଟ ଓ ସର୍ବଜନୀନ ନିତି ଘୋଷଣା କରାଯାଉ । କେଉଁ ବ୍ୟକ୍ତି କିମ୍ବା ସଂଗଠନ ନୃତ୍ୟ କରିବାକୁ ଅନୁମତି ପାଇବେ ବା କେଉଁ ଆଧାର ରେ ଅନୁମତି ଦିଆଯିବ, ତାହା ସ୍ପଷ୍ଟ କରାଯାଉ । ଶ୍ରୀମନ୍ଦିର ପରମ୍ପରା, ରୀତିନୀତି ଓ ବରିଷ୍ଠ ସେବାୟତଙ୍କ ମତାମତ ଆଧାରରେ ନୃତ୍ୟ ପ୍ରଦର୍ଶନ ର ଯୋଗ୍ୟତା ନିର୍ଧାରଣ କରାଯାଉ !ଅନଧିକୃତ ପ୍ରବେଶ, ସୁରକ୍ଷା ବଳୟ ଉଲ୍ଲଙ୍ଘନ, ଓ ଯେ କୌଣସି ଅନିୟମିତତା ସମ୍ପର୍କରେ ସ୍ୱତନ୍ତ୍ର ତଦନ୍ତ କରାଯାଉ । ଯେ କୌଣସି ସେବାୟତ କିମ୍ବା ଅଧିକାରୀ ଯଦି ପଦର ଦୁରପଯୋଗ କରନ୍ତି । ତେବେ ସେମାନଙ୍କୁ ଦଣ୍ଡର ବ୍ୟବସ୍ଥା କରାଯାଉ । ଏହାସହିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ, ଅଶାନ୍ତି ପ୍ରକାଶ ପାଇଥିଲା, ତାହା ହେଉଛି ଦେବଦାସୀ ନୃତ୍ୟ ବା ମାହାରୀ ନୃତ୍ୟ । ଏହା ଏକ ପାରମ୍ପରିକ ନୃତ୍ୟ, ଯାହାକି ଭଗବାନଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଆଉ ଏହି ନୃତ୍ୟ କୁ ବାହାରେ ପ୍ରଦର୍ଶିତ କରି ବ୍ୟବସାୟ କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ମଂଚର ସମସ୍ତ ସଦସ୍ୟ ଉପଲବ୍ଧି କରିଥିଲେ । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ଲେଙ୍କା, ସମାଜସେବୀ ଲଲାଟେନ୍ଦୁ ମିଶ୍ର, ନାରୀ ସଂଗଠନ ନେତ୍ରୀ ସୂର୍ଯ୍ୟକାନ୍ତି ପ୍ରଧାନ ଆଦି ଯୋଗ ଦେଇଥିଲେ ।

# ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଦୁଇ ବର୍ଷର ବିକାଶ କାର୍ଯ୍ୟର ସମୀକ୍ଷା

ଜୟପୁର, ୧୮/୦୬ (ନି.ପ୍ର): 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ବୋରିଗୁମ୍ମା ବ୍ଲକ ପରିସରରେ ପଂଚାୟତ ସମିତି ସ୍ତରୀୟ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ଓ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ଗତ ଦୁଇ ବର୍ଷ ମଧ୍ୟରେ ଅଂଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା ଓ ବିଶେଷ କରି ପାନୀୟ ଜଳ, ଗ୍ରାମ୍ୟ ରାସ୍ତା ନିର୍ମାଣ, ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପର ଅଗ୍ରଗତି ଉପରେ ଏହି ବୈଠକରେ ଆଲୋକପାତ କରାଯାଇଥିଲା ଓ ଏହାସହ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ଏବଂ ଆଗାମୀ ଦିନ ପାଇଁ ନୂତନ ପ୍ରକଳ୍ପ ଗୁଡ଼ିକର ରୂପରେଖ ପ୍ରସ୍ତୁତ କରାଯାଇଥିଲା ।

# ୩୩ କୋଟିରେ ଗଢ଼ିବ ୨୦ ଏସଟି ହଷ୍ଟେଲ: ଲାଭ ପାଇବେ ୧୦୦୦ ଛାତ୍ରଛାତ୍ରୀ

ଝାରସୁଗୁଡ଼ା , ୧୮/୦୬ (ନି.ପ୍ର): ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଂଚଳଗୁଡ଼ିକରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଆବାସିକ ସୁବିଧା ସୃଷ୍ଟି ଦିଗରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ଲଖନପୁର, ଲଇକେରା ଓ କିର୍ମିରା ବ୍ଲକରେ ୨୦ଟି ନୂତନ ଏସଟି ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ଇ-ଟେଣ୍ଡର ଜାରି କରାଯାଇଛି। ପ୍ରକଳ୍ପ ଅନୁଯାୟୀ ଲଖନପୁର ବ୍ଲକରେ ସର୍ବାଧିକ ୧୦ଟି ହଷ୍ଟେଲ ନିର୍ମାଣ ହେବାକୁ ଥିବାବେଳେ ଲଇକେରା ଓ କିର୍ମିରା ବ୍ଲକରେ ୫ଟି ଲେଖାଏଁ ହଷ୍ଟେଲ ସ୍ଥାପନ କରାଯିବ। ପ୍ରତ୍ୟେକ ହଷ୍ଟେଲରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ଥିବାରୁ ମୋଟ ୧୦୦୦ ଜଣ ଜନଜାତି ଛାତ୍ରଛାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ। ଏହି ସମସ୍ତ ପ୍ରକଳ୍ପ ପାଇଁ ୩୩ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଜନଜାତି ସମାଜର ଶିକ୍ଷାଗତ ଓ ସାମାଜିକ ସଶକ୍ତିକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଅଂଚଳରେ ଏକାସାଙ୍ଗରେ ୨୦ଟି ହଷ୍ଟେଲ ନିର୍ମାଣ ନିଷ୍ପତ୍ତି ଜନଜାତି ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ। ସେ କହିଛନ୍ତି ଯେ ଏହି ପଦକ୍ଷେପ ଫଳରେ ଅନେକ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଉନ୍ନତ ଆବାସିକ ସୁବିଧା ପାଇ ଉଚ୍ଚଶିକ୍ଷା ଦିଗରେ ଆଗେଇ ପାରିବେ। ଶିକ୍ଷା ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ପାଇଁ ମଧ୍ୟ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଥିବା ସେ ଉଲ୍ଲେଖ କରିଛନ୍ତି। ଦୁର୍ଗମ ଓ ଶିକ୍ଷା ସୁବିଧାରୁ ବଂଚିତ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେଇ ହଷ୍ଟେଲଗୁଡ଼ିକର ସ୍ଥାନ ଚୟନ କରାଯାଇଥିବାରୁ ସ୍ଥାନୀୟ ଲୋକେ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ ଝାରସୁଗୁଡ଼ା ଜିଲ୍ଲାର ଜନଜାତି ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

# କମ୍ବଳ ଭିତରେ ଗଞ୍ଜେଇ ବେପାର : ୧୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି, ୧୮/୦୬ (ନି.ପ୍ର): କମ୍ବଳ ବ୍ୟବସାୟ ଆଳରେ ଚାଲିଥିବା ଗଞ୍ଜେଇ ଚୋରା ଚାଲାଣର ପର୍ଦ୍ଦାଫାଶ କରିଛି କାଲିମେଳା ପୁଲିସ । ବେଆଇନ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅତି ଚତୁରତାର ସହ କମ୍ବଳ ଭିତରେ ଗଞ୍ଜେଇ ଲୁଚାଇ ଚୋରା ଚାଲାଣ କରୁଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କାଲିମେଳା ପୁଲିସ ପୋଡାଖାଲ ଗ୍ରାମ ନିକଟରେ ଚଢ଼ାଉ କରି ପ୍ରାୟ ୧୦୦ କେଜି ଗଞ୍ଜେଇ ଜବତ କରିଛି । ଜବତ ହୋଇଥିବା ଏହି ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ପୁଲିସ ଗଞ୍ଜେଇ ସହ ଚୋରା ଚାଲାଣରେ ବ୍ୟବହୃତ ୩ଟି ମୋଟର ସାଇକେଲ ଏବଂ ୪ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି। ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ମହମଦ ଜିସାନ (୩୨) , ଅଫତାବ ଅଲି (୨୪) ଓ ଅରମାନ ଖାନ (୧୯) ଉତ୍ତରପ୍ରଦେଶର ହୋଇଥିବା ବେଳେ ଇର୍ମା ପଡ଼ିଆମୀ (୩୫) ମାଲକାନଗିରି ଜିଲ୍ଲା ଦରବାଗୁଡ଼ାର ବୋଲି ପୁଲିସ ସୂଚନା ଦେଇଛି । ଏହି ଘଟଣାରେ ଏନଡିପିଏସ ଆକ୍ଟ ଅନୁଯାୟୀ ୧୩୯/୨୬ ରେ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କାଲିମେଳା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ଭାରସାମ୍ୟ ହରାଇ ବ୍ରିଜରୁ ତଳେ ଖସିଲା ଚାଉଳ ବୋଝେଇ ଟ୍ରକ

ମାଲକାନଗିରି , ୧୮/୦୬ (ନି.ପ୍ର): ମାଲକାନଗିରି -ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ର ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ବ୍ରିଜ ଉପରୁ ଏକ ଚାଉଳ ବୋଝେଇ ଗାଡ଼ି ବୁଧବାର ଓଲଟି ପଡ଼ିବାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚାଉଳ ନଷ୍ଟ ହେବା ସହ ଗାଡ଼ିଟି ପାଣି ଭିତରେ ପଡ଼ି ରହିଛି । ମାଲକାନଗିରି କନକଦୁର୍ଗା ମଡର୍ଣ୍ଣ ରାଇସ୍ ମିଲରୁ ୫୮୦ ବସ୍ତା ଚାଉଳ ନେଇ ଜୟପୁର ଏଫ୍‌ସିଆଇ ଗୋଦାମକୁ ଏକ ଟ୍ରକ୍ ନଂ.ଏପି ୩୫ ଏକ୍ସ ୩୬୧୯ଯୋଗେ ଯାଉଥିବା ସମୟରେ ପାଙ୍ଗାମ ବ୍ରିଜ ଉପରେ ଭାରସାମ୍ୟ ହରାଇ ଟ୍ରକଟି ନଦୀ ତଳକୁ ଓଲଟି ଯାଇଥିଲା। ଚାଳକ ନିଜର ବୁଦ୍ଧି ଖଟାଇ ଗାଡ଼ିରୁ ଡେଇଁ ପଡ଼ି ଜୀବନ ବଞ୍ଚାଇଥିବାବେଳେ ଟ୍ରକ୍ରେ ଥିବା ଚାଉଳ ବସ୍ତାଗୁଡ଼ିକ ପାଣିରେ ପଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ମିଲ୍ ମାଲିକ ପି. ସାଇ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଉଦ୍ଧାର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ପ୍ରାଥମିକ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ

ବଲାଙ୍ଗୀର, ୧୮/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନ ଭୁକ୍ତ ଯୋଜନା) ତରଫରୁ ଜିଲ୍ଲା ସଭାପତି ଶିତୋଷ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର କାର୍ଯ୍ୟକର୍ତା ତଥା ଶିକ୍ଷକମାନେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଯାଇ ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ଅଧିକାଂଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ପଦୋନ୍ନତି ତାଲିକା ଜିଲ୍ଲା କାର୍ଯ୍ୟାଳୟକୁ ପହଂଚିବାରେ ବିଳମ୍ବ ହେଉଥିବାରୁ ସଂଘ କ୍ଷୋଭ ପ୍ରକାଶ କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ଓ ହସ୍ତକ୍ଷେପ ଲୋଡି ଦାବି ପ୍ରଦାନ କରିଥିଲେ। ଡିଇଓ ଅନୁପସ୍ଥିତିରେ ଏଡିଇଓ ପ୍ରବୀର କୁମାର ପଣ୍ଡା ଦାବିପତ୍ର ଗ୍ରହଣ କରି ଶିଘ୍ର ପଦୋନ୍ନତି ପ୍ରକ୍ରିୟାକୁ ସଂପାଦନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ପ୍ରକାଶ ଥାଉ କି ରାଜ୍ୟରେ ଗତ ୪ ବର୍ଷ ଧରି ପ୍ରାଥମିକମାନଙ୍କର ପଦୋନ୍ନତି ପ୍ରକ୍ରିୟା ସ୍ଥଗିତ ହୋଇରହିଥିଲେ। ବିଦ୍ୟାଳୟ ଗୁଡିକରେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ପୂରଣ ର ଗୁରୁତ୍ୱକୁ ଉପଲବ୍ଧି କରି ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ନିର୍ଦ୍ଦେଶକ ଏଥି ପାଇଁ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଦେଶାନାମା ଜାରି କରିଥିଲେ। ତାକୁ ଭିତି କରି ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ବିଇଓ ମାନଙ୍କୁ ଶିଘ୍ର ପଦୋନ୍ନତି ତାଲିକା ପ୍ରସ୍ତୁତ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଜାରି କରି ଜୁନ ୧୦ ତାରିଖ ସୁଦ୍ଧା ଆବଶ୍ୟକ କାଗଜାତ ଜମା କରିବାକୁ କହିଥିଲେ କିନ୍ତୁ ନିର୍ଦ୍ଦିଷ୍ଟ ତାରିଖରୁ ୭ ଦିନ ବିତି ଯାଇଥିଲେ ମଧ ଜିଲ୍ଲାର ୧୪ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକ ଆବଶ୍ୟକ କାଗଜାତ ଜମା ଦେଇଥିବା ସୂଚନା ମିଳିଛି। ତେଣୁ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ହାଲୁକା ଭାବେ ଗ୍ରହଣ କରିବା ଓ ପ୍ରାଥମିକ ଶିକ୍ଷକମାନଙ୍କ ପଦନ୍ନୋତି ପ୍ରକ୍ରିୟାକୁ ବିଳମ୍ବ କରିବାରେ ଦାୟୀ ବ୍ଲକ ଶିକ୍ଷାଧିକାରୀଙ୍କ ପାଇଁ ଏକ ଦୃଷ୍ଟାନ୍ତମୂଳକ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂଘ ତରଫରୁ ଏଡିଇଓ ଶ୍ରୀ ପଣ୍ଡାଙ୍କୁ ଅନୁରୋଧ କରାଯାଇଛି। ସଂଘ ତରଫରୁ ସୁମନ ସାହୁ, ଗଣେଶରାମ ପଣ୍ଡା, କମଲ ସାହୁ, ମୋହନ ଦଲାଇ, ଅଜିତ ବାରିକ, ରାମଚନ୍ଦ୍ର ପୁରୋହିତ, ବିଷ୍ଣୁ ସାହୁ, ରସାନନ୍ଦ କର୍ମୀ, ଜିତେନ୍ଦ୍ରୀୟ ପଟେଲ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଶ୍ରୀ ବିକ୍ରମ ସରକାରୀ ଚାରୁ କଳା ବିଦ୍ୟାଳୟକୁ ମହାବିଦ୍ୟାଳୟ ମାନ୍ୟତା ଦାବି ନେଇ ଆସନ୍ତା ୨୯ରେ ଧାରଣା

ଜୟପୁର, ୧୮/୦୬ (ନି.ପ୍ର): ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁରକୁ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ସହ ଯଥାଶିଘ୍ର ସ୍ନାତକ ଆରମ୍ଭ କରିବା ଏବଂ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପୁବ ଛାତ୍ର ସଂଘ ତରଫରୁ ଶାନ୍ତପୁର୍ଣ୍ଣ ଧାରଣା ଦିଆଯିବାକୁ ନିଷ୍ପତି ହୋଇଛି । ଓଡିଶାର ପୁରାତନ ଓ ସର୍ବ ପ୍ରଥମ କଳା ବିଦ୍ୟାଳୟ ଭାବରେ ଜୟପୁର ତତ୍ କାଳୀନ ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ଦ୍ୱାରା ୧୯୪୬ ମସିହାରେ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁରରେ ଓଡିଶାର ପରିଚୟ ଚିତ୍ରକଳ ଭାସ୍କର୍ଯ୍ୟ ତଥା କାରୁକଳା ଶିକ୍ଷାର ପ୍ରସାଦର ପାଇଁ ସ୍ଥାପନ କରାଯାଇଥିଲା । ଦିର୍ଘ ୮୦ ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହୋଇ ପାରିଲା ନାହିଁ । ଦିର୍ଘ ଦିନରେ ସଂଘର୍ଷ ପରେ ଗତ ଅକ୍ଟୋବର ୨୦୨୨ ମସିହାରେ ସରକାର ଏହି ବିଦ୍ୟାଳ୍ୟକୁ ଡିଗ୍ରୀ ମାନ୍ୟତା ପ୍ରଦାନ କରି ନଥି ସଂଖ୍ୟା ୪୧୯୫ ଗତ ୨୬।୧୦।୨୦୨୨ ରେ ମାନ୍ୟତା କେବଳ କାଗଜ ନଥିପତ୍ର ରେ ହିଁ ସୀମିତ ହୋଇ ରହିଗଲା । ଦକ୍ଷିଣ ଓଡିଶାର ଅନେକ ଗରିବ ଶ୍ରେଣୀର ପ୍ରତିଭାବାନ କଳା ଶିକ୍ଷା ଆଗ୍ରହୀ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ଦ୍ୱାଦଶ ପରେ ଆର୍ଥିକ ଅନାଟକ ଯୋଗୁଁ ଉଚ୍ଚ ଶିକ୍ଷା ନିମନ୍ତେ ସୁଦୁର ଖଲ୍ଲିକୋଟ କିମ୍ବା ଭୁବନେଶ୍ୱର ଯାଇ ପାରୁ ନାହାଁନ୍ତି । କଳା ବିଦ୍ୟାଳୟ ସ୍ଥାପନ ହୋଇ ଦୀର୍ଘ ୮୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ ପ୍ଲାଟିନମ୍ ଜୁବୁଲି ପାଳନ କରାଯାଇ ପାରିନାହିଁ । ଯାହାକି ସରକାର ୨୦୨୩ ମସିହାରେ ୧୫ ଲକ୍ଷ ଟଙ୍କା ଉକ୍ତ କାଯ୍ୟକ୍ରମ କରିବା ନିମନ୍ତେ ଅନୁଦାନ ଦେଇଛନ୍ତି । ଦକ୍ଷିଣ ଓଡିଶାର ଆଗାମୀ ଭବିଷ୍ୟତରେ କଳାଶିକ୍ଷା ନିମନ୍ତେ ଛାତ୍ର ଛାତ୍ରୀ ଙ୍କ ଉନ୍ନତି ପାଇଁ କଳା ବିଦ୍ୟାଳୟର ପୁବ ଛାତ୍ର ସଂଘ ତରଫରୁ କଳା ବିଦ୍ୟାଳୟ ସମ୍ମୁଖରେ ଆସନ୍ତା ୨୯ ତାରିଖରେ ସକାଳ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଶାନ୍ତି ପୁର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଛି । ଶାନ୍ତି ପୁର୍ଣ୍ଣ ଧାରଣା ଦେବା ପାଇଁ କୋରପୁଟ ଜିଲାପାଳ, ଜୟପୁର ଉପ ଜିଲାପାଳ, ଏସଡିପିଓ, ଜିଲା ସଂସ୍କୃଟି ଅଧିକାରି, ଟାଉନ ଥାନା ଅଧିକାରିଙ୍କୁ ଅବଗତ କରାଯାଇଛି । ଅନୁମତି ପ୍ରଦାନ କରିବାକୁ ସଭାପତି ଶ୍ରୀ କାନ୍ତ ବାରିକ, ସମ୍ପାଦକ ପଦ୍ମ ଚରଣ ଡୈଧୁରି, ରାଜେନ୍ଦ୍ର କୁମାର ପଟ୍ଟନାୟକ, ବି ଶ୍ରୀନିବାସ, ଦିପକ ଦାସ ପ୍ରମୁଖ ଅନୁରୋଧ କରିଛନ୍ତି ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ବୈଜ୍ଞାନିକ କହିବା ଅନୁସାରେ, ଯେଉଁ ମହିଳାମାନେ ଲଗାତାର ଅନ୍ତରାଳରେ କେଶ ରଙ୍ଗ କରନ୍ତି ଏବଂ ଷ୍ଟ୍ରେଟନିଙ୍ଗ କରନ୍ତି ସେମାନଙ୍କ ପ୍ରତି ବିପଦ ରହିଛି । ଏସବୁ କରୁଥିବା ମହିଳାଙ୍କଠାରେ ସ୍ତନ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ କ୍ୟାନସରରେ ପ୍ରକାଶିତ ଲେଖାରେ ମହିଳାମାନଙ୍କୁ ସତର୍କ କରାଯାଇଛି ।

ଏହି ବିଷୟ ଉପରେ ଆମେରିକାର କ୍ୟାନ୍ସର ସୋସାଇଟି ବି ଗବେଷଣା କରିଛି । ଷ୍ଟଡିରୁ ଜଣାପଡ଼ିଛି , ହେୟାର କଲରରେ ଥିବା କେମିକାଲ୍ସ ଯେପରି ଆରୋମେଟିକ୍ ଆମିନ୍ସରେ କ୍ୟାନ୍ସର ରିସ୍କ ରହିଛି । ଆଜିକା ଦିନରେ ଅଧିକାଂଶ ପରୁଷ ଓ ମହିଳା ହେୟାର କଲର କରୁଥିବାବେଳେ , ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମହିଳାମାନେ ହେୟାର ଷ୍ଟ୍ରେଟନିଙ୍ଗ କରୁଛନ୍ତି । ଏଠି ପ୍ରଶ୍ନ ଉଠୁଛି, ତାହେଲେ କ'ଣ ହେୟାର କଲର ବା ଷ୍ଟ୍ରେଟନର୍ ବ୍ୟବହାର କରୁଥିବା ସବୁ ମହିଳାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇପାରେ ?

ସବୁଠୁ ବଡ଼ ପ୍ରଶ୍ନ କେଶରେ କଲର୍ କଲେ ତାହା ଶରୀରକୁ ଭିତରେ କିପରି ପହଞ୍ଚୁଛି ? ଏବଂ କ୍ୟାନ୍ସରରୁ ବଞ୍ଚିବାର ଉପାୟ କ'ଣ ?

ଡାକ୍ତରଙ୍କ କହିବା କଥା, ହେୟାର କଲରରେ ଫିନୋଲ୍ ଏମିନ୍ ଏବଂ ଫର୍ମେଲ୍ଡିହାଇଡ୍ ନାମକ କେମିକାଲ ଥାଏ । ଏହା ପ୍ରାକୃତିକ ନୁହେଁ । ଏହାକୁ କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଏ । ତେଣୁ ଯେକୌଣସି ଜିନିଷ ଯାହା କୃତ୍ରିମ ତାହା ଶରୀର ପାଇଁ କ୍ଷତିକାରକ । ଏପରି କେମିକାଲର ବ୍ୟବହାରରେ କିଛି ପ୍ରକାରର କ୍ୟାନ୍ସର ହେବାର ଆଶଙ୍କା ରହିଥାଏ । ବିଶେଷ କରି ବ୍ଲାଡର୍ କ୍ୟାନ୍ସର ବା ମୁତ୍ରାଶୟ କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା ରହୁଛି ।

ଯେବେ ଆପଣ କେଶ ରଙ୍ଗ କରନ୍ତି , ସେ ସମୟରେ ସେସବୁ କେମିକାଲ ମୁଣ୍ଡର ତ୍ୱଚା ଦେଇ ଶରୀରକୁ ପ୍ରବେଶ କରୁଥିବାବେଳେ କିଛି । ଏହାବ୍ୟତୀତ ଯେବେ ହେୟାର କଲର୍ କରୁ ତା'ର ବାସ୍ନା ନାକ ଦେଇ , ଶ୍ୱାସନଳୀ ଦେଇ ଶରୀରକୁ ପ୍ରବେଶ କରେ ଏବଂ




କ୍ୟାନ୍ସର ହେବାର ଆଶଙ୍କା ବଢ଼ିଯାଏ । ଖାଲି ଯିଏ କେଶ କଲର କରେ ତାଙ୍କ ପାଇଁ ବିପଦ ନୁହେଁ ବରଂ ଯିଏ କେଶରେ କଲର୍ ଲଗାଇବାରେ ସାହାଯ୍ୟ କରନ୍ତି ତାଙ୍କୁ ମଧ କ୍ୟାନ୍ସର ହେବାର ଆଶଙ୍କା ରହିଛି ବୋଲି କହୁଛନ୍ତି ବିଶେଷଜ୍ଞ ।

ଏବେ ପ୍ରଶ୍ନ ଏହି ବିପଦରୁ ବର୍ତ୍ତିବା କିପରି । ଏଥିପାଇଁ ସରଳ ଉପାୟ ହେଉଛି କେମିକାଲ ଫ୍ରି ହେୟାର କଲର୍ ବ୍ୟବହାର କରନ୍ତୁ । ଆଉ ଯଦି ହେୟାର କଲର କିଣୁଛନ୍ତି ଏଥିରେ ବ୍ୟବହାର କେମିକାଲ ବିଷୟରେ ଜାଣନ୍ତୁ । କେଶ କଲର କରିବା ପୂର୍ବରୁ ପ୍ୟାଚ୍ ଟେଷ୍ଟ କରନ୍ତୁ । କଲର କରିବା ସମୟରେ ହାତରେ ଗ୍ଲୋବ୍ସ ପିନ୍ଧନ୍ତୁ ।

ଏସବୁ ପରେ ବି ଡାକ୍ତରଙ୍କ ବଡ଼ ପରାମର୍ଶ ହେଉଛି , କେଶ ବାରମ୍ବାର କଲର କରିବାରୁ ନିବୃତ୍ତ ରୁହନ୍ତୁ ଆଉ ଯଦି କରିବାକୁ ଚାହୁଛନ୍ତି ତାହେଲେ ପ୍ରକୃତିକ ହେନା ବ୍ୟବହାର କରନ୍ତୁ ଯାହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କେଶ ପାଇଁ ବି ବରଦାନ ।

# ଡାର୍କ ଚକୋଲେଟ୍ ବନାମ ମିଲ୍କ ଚକୋଲେଟ୍

ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଚକୋଲେଟ୍ କାହାକୁ ବା ଭଲ ନ ଲାଗେ ? ରାଗିଥିବା ପିଲାଙ୍କୁ ମନେଇବା ପାଇଁ ଦରକାର ପଡ଼େ ଚକୋଲେଟ୍ ତ ପ୍ରେମ ନିବେଦନ ହେଉ ବା ଉପହାରରେ, ଚକୋଲେଟ୍ ହେଉଛି ସମସ୍ତଙ୍କ ପ୍ରିୟ। ଚକୋଲେଟ୍ ଯେ କେବଳ ରାପରରେ ଗୁଡ଼େଇ ହୋଇ ଆସେ ତାହା ନୁହେଁ, ତାକୁ କେକ୍, ଲସି, ମିଠା ଆଦି ସବୁଥିରେ ବ୍ୟବହାର କରାଯାଏ। ଛୋଟ ଛୋଟ କ୍ୟାଣ୍ଡିଠାରୁ ଆରମ୍ଭ କରି ମିଲ୍କ, ଡାର୍କ ଓ ଫ୍ରୁଟ୍ ଚକୋଲେଟ୍ ବଜାରରେ ମିଳୁଛି। କିନ୍ତୁ, ଆପଣ ଜାଣନ୍ତି କି ବିଭିନ୍ନ ପ୍ରକାରର ଚକୋଲେଟ୍ ମଧ୍ୟରୁ କେତେକ ଶରୀରର କ୍ଷତି କରୁଥିବାବେଳେ କେତେକ ସ୍ୱାସ୍ଥ୍ୟକର ବି ହୋଇଥାଏ। ଆସନ୍ତୁ ଜାଣିବା, ଡାର୍କ ଚକୋଲେଟ୍ ଓ ମିଲ୍କ ଚକୋଲେଟ୍ ମଧ୍ୟରେ କେଉଁଟା ଅଧିକ ସ୍ୱାସ୍ଥ୍ୟକର।

ଡାର୍କ ଚକୋଲେଟ୍ ଓ ମିଲ୍କ ଚକୋଲେଟ୍ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି, ସେଗୁଡ଼ିକର ଉପାଦାନ। ଉଭୟ ଚକୋଲେଟ୍ କୋକୋ ଗଛରୁ ମିଳୁଥିବା ଉପାଦାନରୁ ହିଁ ପ୍ରସ୍ତୁତ ହୋଇଥାଏ। ତେବେ ମିଲ୍କ ତୁଳନାରେ ଡାର୍କ ଚକୋଲେଟ୍‌ରେ କୋକୋର ପରିମାଣ ଅଧିକ ଥାଏ। ଡାର୍କ ଚକୋଲେଟ୍‌ରେ ପ୍ରାୟ ୫୦-୯୦% କୋକୋ ଥିଲାବେଳେ ମିଲ୍କ ଚକୋଲେଟ୍‌ରେ ମାତ୍ର ୧୦-୫୦% କୋକୋ ଥାଏ। କୋକୋ ପ୍ରତିଶତର ଏହି ପାର୍ଥକ୍ୟ ଯୋଗୁଁ ଉଭୟଙ୍କ ସ୍ୱାଦ ଭିନ୍ନ ହୋଇଥାଏ। ଡାର୍କ ଚକୋଲେଟ୍ ସାଧାରଣତଃ ମିଠା ସ୍ୱାଦଯୁକ୍ତ ମିଲ୍କ ଚକୋଲେଟ୍ ତୁଳନାରେ ଅଧିକ ପିତା ଲାଗିଥାଏ। ଏହି ଚକୋଲେଟ୍‌ଗୁଡ଼ିକ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି, କ୍ଷୀରର ପରିମାଣ। ମିଲ୍କ ଚକୋଲେଟ୍ ଭାବେ ନାମିତ ହେବା ପାଇଁ ଏଥିରେ ଅତି କମ୍‌ରେ ୧୨% କ୍ଷୀରର କଠିନ ଅଂଶ ରହିବା ଆବଶ୍ୟକ। ଅନ୍ୟପଟେ ଡାର୍କ ଚକୋଲେଟ୍‌ରେ କ୍ଷୀର ନଥାଏ। ଏହା ବଦଳରେ ଚକୋଲେଟ୍‌କୁ ଚିକ୍କଣ କରିବା ପାଇଁ କୋକୋ ବଟର ବ୍ୟବହାର କରାଯାଏ। ଏହି ବଟର କୋକୋ ବିନ୍‌ସରୁ ମିଳିଥାଏ। ଉଭୟ ଚକୋଲେଟ୍‌ରେ ଚିନି ମଧ ଏକ ପ୍ରମୁଖ ଉପାଦାନ। ଓଜନ ହିସାବରେ ମିଲ୍କ ଚକୋଲେଟ୍‌ରେ ଅଧିକ ଚିନି ଥାଏ। ତେଣୁ ଅଧିକ ମିଠା ସ୍ୱାଦ ଦେଇଥାଏ। କୋକୋରୁ ମିଳୁଥିବା ଗାଢ଼ ଓ ପିତା ସ୍ୱାଦକୁ ବଜାୟ ରଖିବା ପାଇଁ ଡାର୍କ



ଚକୋଲେଟ୍‌ରେ କମ୍ ଚିନି ଥାଏ। ଏହି ଦୁଇ ଚକୋଲଟ୍ ମଧ୍ୟରୁ କୌଣସିଟିକୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକର କୁହାଯାଇପାରିବ ନାହିଁ। କିନ୍ତୁ, ମିଲ୍କ ଚକୋଲେଟ୍ ତୁଳନାରେ ଡାର୍କ ଚକୋଲେଟ୍ ସ୍ୱାସ୍ଥ୍ୟକର ବିକଳ୍ପ ଅଟେ। ଡାର୍କ ଚକୋଲେଟ୍‌ରେ ଚିନି କମ୍ ଥାଏ ଏବଂ କ୍ଷୀର ଆଦୌ ନଥାଏ। କୋକୋର ଉଚ୍ଚ ପ୍ରତିଶତ ଯୋଗୁଁ ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଲାଭ ମିଳିଥାଏ। କୋକୋ ଗଛ ସହ ଅନେକ ଗଛରେ ଫ୍ଲାଭାନୋଲ୍ ମିଳିଥାଏ। ଅଧିକ କୋକୋ ପ୍ରତିଶତ ଥିବାରୁ ଡାର୍କ ଚକୋଲେଟ୍‌ରେ ଅଧିକ ପରିମାଣର ଫ୍ଲାଭାନୋଲ୍ ଥାଏ। ଏକ ରିପୋର୍ଟ ଅନୁଯାୟୀ, ନାଇଟ୍ରିକ୍ ଅକ୍ସାଇଡ୍ ଉତ୍ପାଦନ ସହ ଫ୍ଲାଭାନୋଲ୍ ଜଡ଼ିତ, ଯାହା ରକ୍ତବାହୀ ନଳୀକୁ ଆରାମ ଦେଇ ରକ୍ତ ସଞ୍ଚାଳନକୁ ସୁଧାରିଥାଏ। ରକ୍ତବାହୀ ନଳୀକୁ ଆରାମ ଦେବା ଦ୍ୱାରା ରକ୍ତଚାପ ମଧ କମିଥାଏ। ସାମଗ୍ରିକ ଭାବେ ସୁସ୍ଥ ରହିବା ପାଇଁ ରକ୍ତ ସଞ୍ଚାଳନରେ ସୁଧାର ଆଣିବା ଅତ୍ୟନ୍ତ ଜରୁରି। ଏହା ଆପଣଙ୍କୁ ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ରୁ ରକ୍ଷା କରି ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବୃଦ୍ଧି କରାଉଥିବାରୁ ଚିନ୍ତାଶକ୍ତିରେ ସୁଧାର ଆଣିଥାଏ। ଏହାବ୍ୟତୀତ, ଡାର୍କ ଚକୋଲେଟ୍ ଆପଣଙ୍କ ମନୋଭାବକୁ ମଧ ଭଲ କରିପାରେ। ପଲିଫେନୋଲ୍‌ସ ହେଉଛି ଗଛରେ ମିଳୁଥିବା ଏପରି କିଛି ଯୌଗିକ ପଦାର୍ଥ, ଯେଉଁଥିରେ ଫ୍ଲାଭାନୋଲ୍ ଥାଏ। ରିପୋର୍ଟ ଅନୁଯାୟୀ, ପଲିଫେନୋଲ୍‌ସ ହେଉଛି ଆଣ୍ଟିଅକ୍ସିଡାଣ୍ଟ, ଯାହା କର୍ଟିସୋଲ୍ କମ୍ କରିଥାଏ। ତେଣୁ ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା ମାନସିକ ଚାପ କମି ସମଗ୍ର ମନୋଭାବକୁ ସୁଧାରିବାରେ ସାହାଯ୍ୟ କରେ। ଡାର୍କ ଚକୋଲେଟ୍‌ରେ କମ୍ ଚିନି ଓ ଫ୍ୟାଟ୍ ପରିମାଣ ଏବଂ ଅଧିକ ଫ୍ଲାଭାନୋଲ୍ ଯୋଗୁଁ, ମିଲ୍କ ଚକୋଲେଟ୍ ତୁଳନାରେ ଡାର୍କ ଚକୋଲେଟ୍‌ର ଅନେକ ଲାଭ ରହିଛି।

ଖରାଦିନ ଆସିଲେ ହିଁ ଆମ ମନକୁ ପ୍ରଥମେ ଆସେ କଟନ୍ ବା ସୂତା କପଡ଼ା। ଏହା ହାଲୁକା, ଆରାମଦାୟକ ଏବଂ ଏଥିରେ ପବନ ସହଜରେ ଯାତାୟାତ କରିପାରେ। ସୂତା ସୁଟ୍,ଶାଢ଼ି ହେଉ କିମ୍ବା ବେଡସିଟ୍ ଏସବୁ ଦେଖିବାକୁ ଯେତିକି ଶାନ୍ତିପୂର୍ଣ୍ଣ,ପିନ୍ଧିବାକୁ ମଧ ସେତିକି ଆରାମଦାୟକ। ହେଲେ ଏହି ଆରାମ ସହିତ ଆସିଥାଏ ଏକ ବଡ଼ ମୁଣ୍ଡବିନ୍ଧା ! ସେଇଟା ହେଉଛି କପଡ଼ାରୁ ରଙ୍ଗ ଛାଡ଼ିବା। ଅନେକ ସମୟରେ ଗାଢ଼ ରଙ୍ଗର କଟନ୍ କପଡ଼ା ଧୋଇବା ମାତ୍ରେ ହିଁ ପାଣିରେ ରଙ୍ଗ ଛାଡ଼ିବାକୁ ଲାଗେ। ଫଳରେ କପଡ଼ାର ଚମକ କମିଯାଏ ଏବଂ ଏହା ଫିକା ଦେଖାଯାଏ। କେବଳ ସେତିକି ନୁହେଁ ସାଙ୍ଗରେ ଧୋଉଥିବା ଅନ୍ୟ ଦାମୀ କପଡ଼ାରେ ମଧ ରଙ୍ଗ ଲାଗି ତାହା ନଷ୍ଟ ହୋଇଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ପାଣିରେ କେବଳ ଲୁଣ ମିଶାଇ କପଡ଼ା ଭିଜାଇଥାନ୍ତି କିନ୍ତୁ ଏହି ଘରୋଇ ଉପାୟ ସବୁବେଳେ କାମ ଦିଏନାହିଁ। ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଲୁଗା ସଫା କରୁଥିବା ପ୍ରଫେସନାଲ୍ ଲୋକମାନେ ବ୍ୟବହାର କରୁଥିବା ଏକ ସ୍ପେଶାଲ୍ ସିକ୍ରେଟ୍ ଟ୍ରିକ୍ ଯାହା ଆପଣଙ୍କ କପଡ଼ାର ରଙ୍ଗକୁ ସବୁଦିନ ପାଇଁ ଲକ୍ କରିଦେବ। ଏଥିପାଇଁ କୌଣସି ଦାମୀ କେମିକାଲ୍ ଦରକାର ନାହିଁ। ଆପଣଙ୍କୁ କେବଳ ଦୁଇଟି ସାଧାରଣ ଜିନିଷ ଦରକାର ଏକ ହେଉଛି ଫିଟିକିରି ଆଉ ଗୋଟିଏ ହେଉଛି ଲୁଣ । ଏହି ଦୁଇଟିର ମିଶ୍ରଣ କପଡ଼ାରେ ଥିବା ଦାଗକୁ ପ୍ରଥମ ଥରରେ ହିଁ ବାହାର କରିଦିଏ ଏବଂ ବାକି ରଙ୍ଗକୁ କପଡ଼ା ସହିତ ସବୁଦିନ ପାଇଁ ଫିକ୍ସ କରିଦିଏ। ଏଥିପାଇଁ ଆପଣ ପ୍ରଥମେ ଏକ ବାଲ୍ଟିରେ ସଫା ଥଣ୍ଡା ପାଣି ନିଅନ୍ତୁ। ଗୋଟିଏ ମୁଠା ଫିଟିକିରିକୁ ଗୁଣ୍ଡ କରି ସେହି ପାଣିରେ ମିଶାନ୍ତୁ। ଯେତିକି ଫିଟିକିରି ନେଇଛନ୍ତି, ତାର ଦୁଇଗୁଣ ପରିମାଣର ଲୁଣ ସେହି ପାଣିରେ ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ସେହି ନୂଆ କିମ୍ବା ରଙ୍ଗ ଛାଡୁଥିବା କଟନ୍ କପଡ଼ାକୁ ଖୋଲି ସେହି ପାଣିରେ ବୁଡ଼ାଇ ଦିଅନ୍ତୁ। ଡରନ୍ତୁ ନାହିଁ, ଏହି ପାଣିରେ ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହାକୁ ପ୍ରାୟ ୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ୨ ଘଣ୍ଟା ପରେ




କପଡ଼ାଗୁଡ଼ିକୁ ଭଲଭାବେ ଚିପୁଡ଼ି ବାହାର କରିଦିଅନ୍ତୁ ଏବଂ ସଫା ପାଣିରେ ଆଉ ଥରେ ଭଲଭାବେ ଧୋଇ ଦିଅନ୍ତୁ, ଯେପରି ଫିଟିକିରି ଓ ଲୁଣର ଅଂଶ ବାହାରିଯିବ। ଫିଟିକିରି ପାଣି ଯୋଗୁଁ କପଡ଼ା ସାମାନ୍ୟ ଶକ୍ତ ହୋଇଯାଇପାରେ। ଏହାକୁ ନରମ କରିବା ପାଇଁ ଶେଷରେ ଏକ ବାଲ୍ଟି ପାଣିରେ ଦୁଇ ଚାମଚ ଧଳା ସିରକା ମିଶାଇ କପଡ଼ାକୁ ଅଧା ଘଣ୍ଟା ଭିଜାଇ ରଖନ୍ତୁ। ଆପଣଙ୍କ କପଡ଼ା ପୂର୍ବପରି ସଫ୍ଟ ଏବଂ ମୁଲାୟମ ହୋଇଯିବ। ତେବେ ଆଉ ବିଳମ୍ବ କାହିଁକି ? ଏହି ଗରମରେ ଆପଣଙ୍କ କପଡ଼ାର ରଙ୍ଗକୁ ସୁରକ୍ଷିତ ରଖିବା ପାଇଁ ଆଜି ହିଁ ଏହି ସ୍ପେଶାଲ୍ ଟ୍ରିକ୍ ଆପଣାନ୍ତୁ।

# ସଫା ଛୁରି ବ୍ୟବହାର କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ : ଏଫ୍‌ଏସ୍‌ଏସ୍‌ଏଆଇ



ଖାଦ୍ୟ ବ୍ୟବୟାୟ ମାନେ ବ୍ୟବହାର କରୁଥିବା ଛୁରି ସମସ୍ତ ପ୍ରକାର ସଫା ସୁତୁରା ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଏହି ମର୍ମରେ ସମସ୍ତ ଖାଦ୍ୟ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଖାଦ୍ୟ ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା ଏବଂ ପରିଚାଳନାରେ ବ୍ୟବହାର ହେଉଥିବା ସମସ୍ତ ଉପକରଣ, ବାସନକୁସନ, ଖାଦ୍ୟ ରଖାଯାଉଥିବା ବା ଘୋଡ଼ାଯାଉଥିବା ପାତ୍ର ଆଦି ଖାଦ୍ୟ-ଗ୍ରେଡ୍, ଅଣବିଷାକ୍ତ ଏବଂ କ୍ଷୟ ପ୍ରତିରୋଧୀ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ। ଏଥିସହିତ ଖାଦ୍ୟ ସଂକ୍ରମଣକୁ ରୋକିବା ଲାଗି ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଥିବା ନିୟମକୁ ନିଶ୍ଚିତ କରିବା ଉଚିତ । ଖାଦ୍ୟ ସୁରକ୍ଷା ଓ ମାନକ ( ଖାଦ୍ୟ ବ୍ୟବସାୟ ପଞ୍ଜୀକରଣ ଓ ଲାଇସେନ୍ସିଂ) ନିୟମ ୨୦୧୧ର ଅନୁଚ୍ଛେଦ ୪ ଅନୁଯାୟୀ, ଖାଦ୍ୟ ସଂସ୍ପର୍ଶରେ ଆସୁଥିବା ସମସ୍ତ ଉପକରଣକୁ ନିୟମିତ ବ୍ୟବଧାନରେ ଜୀବାଣୁମୁକ୍ତ କରାଯିବା ସହ ପର୍ଯ୍ୟାପ୍ତ ଭାବେ ସଫା କରାଯିବା ନେଇ ନିୟମ ରହିଛି। ଏହା ସତ୍ତ୍ୱେ କେତେକ ଖାଦ୍ୟ ବ୍ୟବସାୟୀ କଳଙ୍କି ଲାଗିଥିବା, ଭାଙ୍ଗିରୁଜି ଯାଇଥିବା, ରଙ୍ଗ ଲାଗିଥିବା ଏବଂ ଅନ୍ୟାନ୍ୟ ଦୃଷ୍ଟିରୁ ଅନୁପଯୁକ୍ତ ଥିବା ଛୁରି, ବ୍ଲେଡ୍ ଓ ଅନ୍ୟାନ୍ୟ କାଟିବା ଉପକରଣ ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନାରେ ବ୍ୟବହାର କରୁଛନ୍ତି। ଏଭଳି ଛୁରି ଖାଦ୍ୟର ଭୌତିକ, ରାସାୟନିକ ଏବଂ ସୂକ୍ଷ୍ମ ଜୈବିକ ସଂକ୍ରମଣ କରିବା ସମ୍ଭାବନା ରହିଛି। ଅନୁପଯୁକ୍ତ ଛୁରିକୁ ତୁରନ୍ତ ଏଭଳି କାର୍ଯ୍ୟରୁ ବାଦ୍ ଦିଆଯିବା ଆବଶ୍ୟକ। ନିୟମ ପାଳନରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଉପରେ କଡ଼ା ନଜର ରଖିବା ଲାଗି କର୍ତ୍ତୃପକ୍ଷ କମିସନର ଓ ଇନ୍ସପେକ୍ଟରମାନଙ୍କୁ କହିଛନ୍ତି।




ଦେଶରେ ଦିନକୁ ଦିନ ମଦ୍ୟପାନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପୁରୁଷ ତ ପୁରୁଷ ମହିଳା ମଧ ମଦ୍ୟପାନ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ପ୍ରତିବର୍ଷ ପର୍ବପର୍ବାଣୀ ହେଉ କିମ୍ବା ଛୁଟିଦିନ ପଡ଼ିଲେ ମଦ ବିକ୍ରିର ରେକର୍ଡ ଭାଙ୍ଗିଥାଏ । ମଦ ଦେହ ପ୍ରତି କ୍ଷତିକାରକ ଜାଣି ସୁଦ୍ଧା ଅନେକ ଲୋକ ଏହି ନିଶାଦ୍ରବ୍ୟକୁ ପିଇଥା'ନ୍ତି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ଚେତାବନୀ ଦେଇଛି ଯେ ଗୋଟିଏ ବୁନ୍ଦା ମଦ୍ୟପାନ ମଧ ଅନେକ ପ୍ରକାରର କର୍କଟ ରୋଗ ସୃଷ୍ଟି କରିପାରେ । ଅତ୍ୟଧିକ ମଦ ପିଇଲେ ଫ୍ୟାଟି ଲିଭର, ଲିଭର୍ ଡ୍ୟାମେଜ୍ ଏବଂ ଲିଭର୍ ସିରୋସିସ୍ ରୋଗ ହେବା ସାଧାରଣ କଥା । ସ୍ୱାସ୍ଥ୍ୟ ପାଇଁ ଏହା ଏତେ ଖରାପ ଯେ କଥା ଯାଇ ଯକୃତ ପ୍ରତିରୋପଣ ପର୍ଯ୍ୟନ୍ତ ପହଞ୍ଚିଥାଏ । ମଦର ପ୍ରଥମ ବୁନ୍ଦା ଲିଭରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରେ । ଯେତେ ଲମ୍ବା ସମୟ ଧରି ମଣିଷ ମଦ୍ୟପାନ କରାଯାଏ ଏହା ସେତେ ଗୁରୁତର ହୋଇପାରେ । ତଥାପି ଆୟୁର୍ବେଦ ସାହାଯ୍ୟରେ ଏହି କ୍ଷତିକୁ ପ୍ରତିହତ କରାଯାଇପାରିବ । ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର ତନ୍ମୟ ଗୋସ୍ୱାମୀଙ୍କ ଅନୁସାରେ ୧୦ ଗ୍ରାମ୍ ଖଜୁରି , ୧୦ ଗ୍ରାମ୍ କିସମିସ୍ , ୨ ଗ୍ରାମ୍ ତେନ୍ତୁଳି , ୧୦ ଗ୍ରାମ୍ ଡାଳିମ୍ବ ଦାନା ଏବଂ ୧୦ ଗ୍ରାମ୍ ଅଁଳାକୁ ନେଇ ଭଲଭାବରେ ଗ୍ରାଇଣ୍ଡିଂ କରନ୍ତୁ । ଏହା ପେଷ୍ଟ ହେବା ପରେ ଅଧ ଲିଟର ପାଣିରେ ମିଶାନ୍ତୁ । ଏହା ଏକପ୍ରକାର ରସ ପରି ହୋଇଯିବ । ଏହି ରସକୁ ୫୦-୫୦ ମିଲି ପିଇବାକୁ ଦିଅନ୍ତୁ । ତିନି ଦିନ ମଧ୍ୟରେ ଲିଭର୍ ଡ୍ୟାମେଜ୍ କମ୍ ହେବାକୁ ଲାଗିବ । ମଦକୁ ମେଟାବୋଲାଇଜ୍ କରିବାର କାମ କରେ ଲିଭର୍ । ଯାହାଦ୍ୱାରା ଲିଭରରେ ଆସିଟାଲଡିହାଇଡ୍ ନାମକ ଏକ ଉତ୍ପାଦ ସୃଷ୍ଟି ହୋଇଥାଏ । ଯାହା ଲିଭରକୁ ଖରାପ କରିବାର କାମ କରିଥାଏ । ଏହି ଆୟୁର୍ବେଦିକ ଉପାୟ ଆସିଟାଲଡିହାଇଡ୍ କୁ କମ୍ କରିବାରେ ସହାୟକ ହୁଏ । ତେବେ ଯେମିତି ଆପଣ ମଦ ପିଇବା ବନ୍ଦ କରିବେ କିଛି ଦିନ ମଧ୍ୟରେ ହିଁ ଶରୀର ଉପରେ ଏହାର ଫରକ ପଡ଼ିବା ଆରମ୍ଭ ହେବ । ତେବେ ଯଦି ସମୟ ପୂର୍ବରୁ ମଦ ପିଇବା ବନ୍ଦ କରାଯାଏ ଲିଭରର କୋଷିକା କିଛି ସପ୍ତାହରେ ହିଁ ପୁନଃ ତିଆରି ହେବା ଆରମ୍ଭ କରେ । ୩୦ ଦିନ ପରେ ସ୍ୱାସ୍ଥ୍ୟ ଉପରେ ଏହାର ଭଲ ରେଜଲ୍ଟ ଦେଖିବାକୁ ମିଳେ । କିନ୍ତୁ ଯଦି ମଦ ପିଇବା ପରେ ଅନ୍ୟ ରୋଗ ଯେଭଳି ଆଲକୋହଲିକ୍ ହେପାଟାଇଟିସ୍ ଏବଂ ସିରୋସିସ୍ ଭଳି ରୋଗ ହୁଏ ତେବେ ଠିକ୍ ହେବାକୁ ଅଧିକ ସମୟ ଲାଗେ । ଏଭଳି ମାମଲାରେ ଶରୀରର ଅନ୍ୟ ଅଙ୍ଗକୁ ଯେମିତି ମଦ ନ ଖାଇବ ତେଣୁ ଅତିଶୀଘ୍ର ମଦ୍ୟପାନ କରିବା ଛାଡ଼ନ୍ତୁ ।

# ଫ୍ୟାଶନ ଶୋ'ରେ ଚମକିଲେ କିଆରା: କରଣଙ୍କ ସହ କଲେ ରାମ୍ପ ୱାକ



ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ନିକଟରେ ଏକ ଫ୍ୟାଶନ ଶୋ'ରେ ନିଜର ଆକର୍ଷଣୀୟ ଉପସ୍ଥିତି ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ରାହୁଲ ମିଶ୍ରଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଆରା ଶୋ'ଷ୍ଟପର ଭାବେ ରାମ୍ପରେ ନଜର ଆସିଥିଲେ। ତାଙ୍କ ସହ ଚଳଚ୍ଚିତ୍ର ନିର୍ମାତା କରଣ ଜୋହର ମଧ ରାମ୍ପ ୱାକ୍ କରିଥିଲେ। ଏହି ଅବସରରେ କିଆରା କଳା ରଙ୍ଗର ଆକର୍ଷଣୀୟ ପୋଷାକ ପରିଧାନ କରିଥିଲେ। ତାଙ୍କ ଆତ୍ମବିଶ୍ୱାସ, ମନୋମୁଗ୍ଧକର ହସ ଓ ଷ୍ଟାଇଲିସ୍ ଅନ୍ଦାଜ ଦର୍ଶକଙ୍କୁ ଆକର୍ଷିତ କରିଥିଲା। କରଣ ଜୋହର ମଧ ନିଜସ୍ୱ ଶୈଳୀରେ ରାମ୍ପରେ ନଜର ଆସିଥିଲେ। ଉଭୟଙ୍କ ରାମ୍ପ ୱାକ୍‌ର ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହେଉଛି। କିଆରାଙ୍କ ଏହି ନୂଆ ଲୁକ୍‌କୁ ପ୍ରଶଂସକମାନେ ବେଶ ପସନ୍ଦ କରିଛନ୍ତି। ଅନେକେ ତାଙ୍କୁ ଏହି କାର୍ଯ୍ୟକ୍ରମର ସବୁଠୁ ଆକର୍ଷଣୀୟ ମୁହଁ ବୋଲି ବର୍ଣ୍ଣନା କରିଛନ୍ତି। ଫ୍ୟାଶନ ଜଗତରେ ମଧ ତାଙ୍କ ଏହି ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। କାର୍ଯ୍ୟକ୍ଷେତ୍ରର କଥା କହିଲେ, କିଆରା ଖୁବଶୀଘ୍ର କିଛି ବଡ଼ ବଜେଟର ଚଳଚ୍ଚିତ୍ରରେ ନଜର ଆସିବେ। ଏହି ଫ୍ୟାଶନ ଶୋ' ପରେ ତାଙ୍କୁ ନେଇ ପ୍ରଶଂସକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି।

# ଭାବବିହ୍ୱଳ କାର୍ତ୍ତିକ

ନିକଟରେ 'ଚନ୍ଦୁ ଚାମ୍ପିଅନ୍' ଚଳଚ୍ଚିତ୍ର ମୁକ୍ତିଲାଭକୁ ଦୁଇ ବର୍ଷ ପୂରିଛି। ଏହି ଅବସରରେ କାର୍ତ୍ତିକ ଆର୍ଯ୍ୟନ ଭାବବିହ୍ୱଳ ହୋଇଯାଇଛନ୍ତି। ସେ ସାମାଜିକ ଗଣମାଧମରେ ଏକ ଲମ୍ବା ଲେଖା ଛାଡ଼ିଛନ୍ତି। ସେଥିରେ ସେ ଲେଖିଛନ୍ତି ଯେ ଏହି ଚଳଚ୍ଚିତ୍ରରେ କାମ କରିବା ଏକ ଅଭୂତପୂର୍ବ ଅନୁଭୂତି ଥିଲା।



ଏଥିପାଇଁ ସେ ନିଜ ଓଜନ ୧୮ କିଲୋଗ୍ରାମ କମାଇଥିଲେ। ଏହି ଚଳଚ୍ଚିତ୍ର ତାଙ୍କ ଜୀବନର ସବୁଠାରୁ ଉଲ୍ଲେଖନୀୟ ସିନେମା। ଏହି ଚଳଚ୍ଚିତ୍ରରେ ଅଭିନୟର ସୁଯୋଗ ଦେଇଥିବାରୁ ସେ ନିର୍ଦ୍ଦେଶକ କବିର ଖାଁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଲ୍ଲେଖନୀୟ ଯେ ୨୦୨୪ରେ ମୁକ୍ତିଲାଭ କରିଥିବା 'ଚନ୍ଦୁ ଚାମ୍ପିଅନ୍' ଚଳଚ୍ଚିତ୍ରରେ କ୍ରୀଡ଼ାବିତ୍ ମୁରଲୀକାନ୍ତ ପେଟକର ଓରଫ୍ ଚନ୍ଦୁ ଚରିତ୍ରରେ ଅଭିନୟ କରିବା କାର୍ତ୍ତିକଙ୍କ କ୍ୟାରିଅର ଲାଗି ଏକ ବଡ଼ ସଫଳତା ଥିଲା। ସେ ସେଥିରେ ଜଣେ ମୁଷ୍ଟିଯୋଦ୍ଧା ତଥା ସନ୍ତରଣକାରୀ ଭାବେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବା ସହିତ ୨୦୨୫ ଫିଲ୍ମଫେଆର ଶ୍ରେଷ୍ଠ ଅଭିନେତା ପୁରସ୍କାର ଜିଣିଥିଲେ। ଅସଲ ମୁରଲୀକାନ୍ତ ପେଟକର ମଧ ଏହି ଚଳଚ୍ଚିତ୍ରର ପ୍ରଭାବକୁ ପ୍ରଶଂସା କରିଛନ୍ତି। ପାରା ଅଲିମ୍ପିକ୍‌ସରେ ଭାରତର ସଫଳ ଇତିହାସକୁ ଉତ୍‌ଥାପନ କରିବା ସହ ଏହି ଚଳଚ୍ଚିତ୍ର ସଚେତନତା ବୃଦ୍ଧି କରିଛି ବୋଲି ମୁରଲୀକାନ୍ତ ଅନୁଭବ କରନ୍ତି। ତେଣୁ କାର୍ତ୍ତିକ ଆର୍ଯ୍ୟନଙ୍କୁ ପ୍ରଭାବଶାଳୀ ଅଭିନୟ ପାଇଁ ଜାତୀୟ ପୁରସ୍କାର ମିଳିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।



# ଆଲିଆଙ୍କ ଅଭିଯାନ

ଦମ୍‌ଦାର ଆକ୍‌ସନ୍ ସହ ଚୁଲ୍‌ବୁଲି ଅଭିନେତ୍ରୀ ଭାବେ ଜଣାଶୁଣା ଆଲିଆ ଭଟ୍ଟ ନୂଆ ଭୂମିକାରେ ପରଦାକୁ ଆସୁଛନ୍ତି। ଏହି ଫିଲ୍ମରେ ତାଙ୍କର ଭିନ୍ନ ଅବତାର ଦର୍ଶକଙ୍କୁ ନିଶ୍ଚୟ ପସନ୍ଦ ଆସିବ ବୋଲି ସବୁଠି ଚର୍ଚ୍ଚା ହେଉଛି। ନିକଟରେ ଆଲିଆଙ୍କ ଏହି ବହୁ ପ୍ରତୀକ୍ଷିତ ଫିଲ୍ମ 'ଆଲ୍‌ଫା'ର ଟ୍ରେଲର ରିଲିଜ୍ ହୋଇଛି। କିଛିଦିନ ପୂର୍ବରୁ ଏହାର ଟିଜର ମଧ ଜାରି କରାଯାଇଥିଲା, ଯେଉଁଥିରେ ଆଲିଆଙ୍କ ଜବରଦସ୍ତ ଆକ୍‌ସନ୍ ଦେଖିବାକୁ ମିଳିଥିଲା। ଖବର ଅନୁସାରେ, ଏହି ଫିଲ୍ମର କାହାଣୀ ଏଭଳି ଜଣେ ଝିଅ ବିଷୟରେ, ଯାହାକୁ 'ଆଲ୍‌ଫା' ନାମକ ଏକ ଗୁପ୍ତ ମିସନ୍ ଲାଗି ତାଙ୍କ ବାପା ଛୋଟବେଳୁ ହିଁ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ଟ୍ରେଲରରେ ଫିଲ୍ମର କାହାଣୀ, ଏହାର ଟ୍ୱିଷ୍ଟ୍ ସମେତ ଅନେକ ଚମକପ୍ରଦ ମୁହୂର୍ତ୍ତର ଝଲକ ଦେଖିବାକୁ ମିଳିଛି।
'ଆଲ୍‌ଫା'ରେ ଆଲିଆ ଭଟ୍ଟଙ୍କ ବାପା ଭୂମିକାରେ ବବି ଦେଓଲଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ସହ ଅନିଲ କପୁର, ହ୍ରିତିକ୍ ରୋଶନ୍, ଦିଆ ମିର୍ଜା ଓ ଶର୍ବରୀ ୱାଘ୍ ପ୍ରମୁଖ ଅଭିନୟ କରିଛନ୍ତି। ଯଶରାଜ ଫିଲ୍ମସ୍ ପକ୍ଷରୁ ଆଦିତ୍ୟ ଚୋପ୍ରା ଏହାର ପ୍ରଯୋଜକ ଥିବା ବେଳେ ଆଲିଆ ଲିଡ୍ ରୋଲ୍‌ରେ ଅଛନ୍ତି। ୨୦୨୪ରେ ଏହି ଫିଲ୍ମର ଘୋଷଣା ହୋଇଥିବାବେଳେ ୨୦୨୬ ଜୁଲାଇ ୩ରେ ଏହା ମୁକ୍ତିଲାଭ କରିବ ବୋଲି କୁହାଯାଇଛି। ଶିବ ରାୱେଲ୍ ଏହି ଫିଲ୍ମ ସହ ନିର୍ଦ୍ଦେଶନାରେ ଡେବ୍ୟୁ କରୁଛନ୍ତି। ମୁମ୍ବାଇ, କାଶ୍ମୀର ଓ ଅନ୍ୟ ସ୍ଥାନରେ ଏହାର ସୁଟିଂ କରାଯାଇଥିବା କୁହାଯାଇଛି।

# ଚର୍ଚ୍ଚାରେ ରଶ୍ମିକାଙ୍କ ନାମ ଓ ସୋସିଆଲ ମିଡିଆ ପୋଷ୍ଟ



ଦକ୍ଷିଣ ଭାରତୀୟ ସିନେମା ଜଗତର ଚର୍ଚ୍ଚିତ ଯୋଡ଼ି ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଏଥର କୌଣସି ଫିଲ୍ମ କିମ୍ବା ବ୍ୟକ୍ତିଗତ ଜୀବନକୁ ନେଇ ନୁହେଁ ବରଂ ରଶ୍ମିକାଙ୍କ ନାମ ପରିବର୍ତ୍ତନକୁ ନେଇ ଚର୍ଚ୍ଚା ଜୋର ଧରିଛି। ନିକଟରେ ଏକ କାର୍ଯ୍ୟକ୍ରମ ଓ ସୋସିଆଲ ମିଡିଆ ପୋଷ୍ଟରେ ରଶ୍ମିକା ନିଜକୁ 'ରଶ୍ମିକା ମନ୍ଦାନା ଦେବରକୋଣ୍ଡା ବୋଲି ପରିଚୟ ଦେବାପରେ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି।
ତେଲେଙ୍ଗାନାର ଥୁମ୍ମନପେଟ ଗାଁରେ ଆୟୋଜିତ ଏକ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମରେ ରଶ୍ମିକା ଓ ବିଜୟ ଯୋଗଦେଇଥିଲେ। ବିଜୟଙ୍କ ପିତାଙ୍କ ପୈତୃକ ଗାଁରେ 'ଦ ଦେବରକୋଣ୍ଡା ଫାଉଣ୍ଡେସନ'ପକ୍ଷରୁ ୧୮୦ ଜଣ ସରକାରୀ ସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ରଶ୍ମିକା କହିଥିଲେ, "ଆଜି ମୁଁ ବହୁତ କିଛି କହିବି ନାହିଁ। କିନ୍ତୁ 'ଦ ଦେବରକୋଣ୍ଡା ଫାଉଣ୍ଡେସନ' ମାଧ୍ୟମରେ ଆମେ ଏକ ଭଲ ଆରମ୍ଭ କରୁଛୁ। ଆଜି ମୁଁ ଆପଣମାନଙ୍କ ସମ୍ମୁଖରେ 'ରଶ୍ମିକା ମନ୍ଦାନା ଦେବରକୋଣ୍ଡା' ଭାବେ ଠିଆ ହୋଇଛି ଏବଂ ଏଥିପାଇଁ ମୁଁ ବହୁତ ଉତ୍ସାହିତ।" ଏହାପରେ ବିଜୟ ଦେବରକୋଣ୍ଡା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କାର୍ଯ୍ୟକ୍ରମର କିଛି ଫଟୋ ସେୟାର କରି ଲେଖିଥିଲେ ଯେ, ୪୫ଟି ସ୍କୁଲର ୧୮୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ଏହି ଉଦ୍ୟମର ପ୍ରଥମ ବର୍ଷ ସଫଳତାର ସହ ପୂରଣ ହୋଇଛି ଏବଂ ୨୦୨୭ ଜୁନରେ ଏହାକୁ ଆହୁରି ବିସ୍ତାର କରାଯିବାର ଯୋଜନା ରହିଛି।ବିଜୟଙ୍କ ଏହି ପୋଷ୍ଟର ରଶ୍ମିକା ମଧ ମଜାଳିଆ ଢଙ୍ଗରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି,"ଅପେକ୍ଷା କର, ମୁଁ ମଧ ସେଠାରେ ଅଛି। ତୁମର ପ୍ରିୟ ରଶ୍ମିକା ମନ୍ଦାନା ଦେବରକୋଣ୍ଡା।"ତାଙ୍କ ଏହି ପ୍ରତିକ୍ରିୟା ପରେ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି।
ଅନ୍ୟପଟେ, ଏହି ଯୋଡ଼ି ଖୁବ୍‌ଶୀଘ୍ର 'ରାଣାବଲୀଫିଲ୍ମରେ ଏକାଠି ନଜର ଆସିବେ। ଏହି ଫିଲ୍ମଟି ୨୦୨୬ ସେପ୍ଟେମ୍ବର ୧୧ ରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ। ଏହା ପୂର୍ବରୁ 'ଗୀତା ଗୋବିନ୍ଦମ୍' ଓ 'ଡିୟର କମ୍ରେଡ୍' ଭଳି ଫିଲ୍ମରେ ସେମାନଙ୍କ ଯୋଡ଼ି ଦର୍ଶକଙ୍କ ମନ ଜିତିଥିଲା।

# ରିଲିଜ୍ ପୂର୍ବରୁ ସବୁ ଟଙ୍କା ଅସୁଲ



ନନ୍ଦିନୀ ରେଡ୍ଡୀ ନିର୍ଦ୍ଦେଶିତ ତଥା ସାମନ୍ଥା ରୁଥ୍ ପ୍ରଭୁ ଅଭିନୀତ ତେଲୁଗୁ ଚଳଚ୍ଚିତ୍ର 'ମା ଇନ୍ତି ବଙ୍ଗରମ୍' (ଅର୍ଥ- 'ଆମ ଘରର ସୁନା') ଆସନ୍ତା ୧୯ ତାରିଖରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ର ଜରିଆରେ ସାମନ୍ଥା ତିନି ବର୍ଷ ପରେ ବଡ଼ ପରଦାକୁ ଫେରୁଥିବାରୁ ଏହାକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରୁ ପ୍ରଚୁର ଉତ୍ସାହ ଦେଖିବାକୁ ମିଳୁଛି। ବୋଧହୁଏ ସେହି କାରଣରୁ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପୂର୍ବରୁ ନିବେଶ ଖର୍ଚ୍ଚ ଆଦାୟ ହୋଇଯାଇଛି। ପ୍ରଯୋଜକ ହିମାଙ୍କ ଡୁଭୁରୁ ନିଜେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରର ପ୍ରେକ୍ଷାଳୟ ରିଲିଜ୍‌ର ରାଇଟ୍ ସାଙ୍ଗକୁ ଟିଭି ଓ ଓଟିଟି ରାଇଟ୍ ପାଇଁ ପ୍ରବଳ ଚାହିଦା ରହିଆସିଥିଲା। ତେଣୁ ବିଭିନ୍ନ ମଞ୍ଚ ମଧ୍ୟରେ ରାଇଟ୍ ହାସଲ ପାଇଁ ପ୍ରତିଯୋଗିତା ଲାଗିଥିଲା। ଶେଷରେ ଏହିସବୁ ରାଇଟ୍ ବାବଦକୁ ଯେତେ ଟଙ୍କା ଆୟ ହେଲାଣି ତାହା ଚଳଚ୍ଚିତ୍ରର ବଜେଟ୍‌କୁ ଟପିଯାଇଛି। ଜଣେ ମହିଳାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ନାରୀକୈନ୍ଦ୍ରିକ ତେଲୁଗୁ ଚଳଚ୍ଚିତ୍ରର ଏଭଳି ସଫଳତାରୁ ଅନୁମାନ କରାଯାଉଛି ଯେ ଏହା ପ୍ରେକ୍ଷାଳୟରେ ଭଲ ବ୍ୟବସାୟ କରିବ। ସ୍ମରଣଯୋଗ୍ୟ ଯେ ସାମନ୍ଥା ଶେଷଥର ପାଇଁ ୨୦୨୩ ମସିହାର 'ଖୁସି' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। 'ମା ଇନ୍ତି ବଙ୍ଗରମ୍'ର ଟ୍ରେଲରରୁ ଅନୁମାନ କରିହେଉଛି ଯେ ଏଥିରେ ନାୟିକା ସାଜିଥିବା ସାମନ୍ଥାଙ୍କ ଦମଦାର ଆକ୍ସନ୍ ଦେଖିବାକୁ ମିଳିବ।

# 'କାଳା ହିରଣ'ରେ ସଲମାନଙ୍କ ଚରିତ୍ର ପାଇଁ ପ୍ରଥମ ପସନ୍ଦ ଥିଲେ ସୋନୁ ମିଶ୍ର



ବଲିଉଡ୍ ଅଭିନେତା ସଲମାନ ଖାନଙ୍କ କଳା ହରିଣ ଶିକାର ମାମଲାକୁ ଆଧାର କରି ନିର୍ମାଣ ହେଉଥିବା ଚଳଚ୍ଚିତ୍ର 'କାଲା ହିରଣ': ଦ ବ୍ୟାଟଲ୍ ଫର୍ ଲେଗେସି'ଙ୍କୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ଏହି କ୍ରମରେ ଅଭିନେତା ସୋନୁ ମିଶ୍ରଙ୍କ ଏକ ବୟାନ ଚର୍ଚ୍ଚାର ବିଷୟ ପାଲଟିଛି। ସେ କହିଛନ୍ତି ଯେ, ଚଳଚ୍ଚିତ୍ରରେ ସଲମାନ ଖାନଙ୍କୁ ଆଧାର କରି ଗଢ଼ାଯାଇଥିବା ଚରିତ୍ରରେ ଅଭିନୟ କରିବା ପାଇଁ ପ୍ରଥମେ ତାଙ୍କୁ ସୁଯୋଗ ମିଳିଥିଲା। ସେ ଦୁଇ ଦିନ ପର୍ଯ୍ୟନ୍ତ ସୁଟିଂ ମଧ କରିଥିଲେ, କିନ୍ତୁ ପରେ ଚଳଚ୍ଚିତ୍ରରୁ ନିଜକୁ ଅଲଗା କରିନେଇଥିଲେ। ସୋନୁଙ୍କ କହିବା ଅନୁସାରେ, ଆରମ୍ଭରେ ତାଙ୍କୁ ଯେଉଁ କାହାଣୀ ବିଷୟରେ ଅବଗତ କରାଯାଇଥିଲା, ପ୍ରକୃତରେ ସୁଟିଂ ସମୟରେ ସେଥିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ରରେ ସଲମାନ ଖାନଙ୍କୁ କେବଳ ନକାରାତ୍ମକ ଦୃଷ୍ଟିକୋଣରୁ ଦେଖାଯାଉଥିବା ସେ ଅନୁଭବ କରିଥିଲେ। ଏହା ତାଙ୍କୁ ଭଲ ଲାଗିନଥିଲା। ତେଣୁ ସେ ଏହି ଚଳଚ୍ଚିତ୍ରର ଅଂଶ ହୋଇ ରହିବାକୁ ଇଚ୍ଛା ପ୍ରକାଶ କରିନଥିଲେ। ସେ ଆହୁରି କହିଛନ୍ତି ଯେ, ଚୁକ୍ତିପତ୍ରରେ ଏପରି କିଛି ସର୍ତ୍ତ ରହିଥିଲା, ଯାହା ଅନୁଯାୟୀ ଚଳଚ୍ଚିତ୍ରର ପ୍ରଚାର ସମୟରେ ତାଙ୍କୁ ଗଣମାଧ୍ୟମ ଆଗରେ ସଲମାନ ଖାନଙ୍କ ବିରୋଧରେ କହିବାକୁ ପଡ଼ିଥାନ୍ତା। ଏହାକୁ ସେ ଗ୍ରହଣ କରିପାରିନଥିଲେ। ତେଣୁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ପୂର୍ବରୁ ହିଁ ସେ ପ୍ରକଳ୍ପରୁ ଓହରି ଯାଇଥିଲେ। ପରେ ତାଙ୍କ ସ୍ଥାନରେ କାଶିଫ୍ ଇକବାଲ ଖାନଙ୍କୁ ନିଆଯାଇଥିବା ଜଣାପଡ଼ିଛି।
ଉଲ୍ଲେଖଯୋଗ୍ୟ ଯେ, ଏହି ଚଳଚ୍ଚିତ୍ରକୁ ନେଇ ପୂର୍ବରୁ ମଧ ଅନେକ ବିବାଦ ସାମ୍ନାକୁ ଆସିଛି। ବରିଷ୍ଠ ଅଭିନେତା ଗୋବିନ୍ଦ ନାମଦେବ ମଧ ଚଳଚ୍ଚିତ୍ରର କାହାଣୀ ସମ୍ପର୍କରେ ଭୁଲ ତଥ୍ୟ ଦିଆଯାଇଥିବା ଅଭିଯୋଗ କରି ପ୍ରକଳ୍ପରୁ ଦୂରେଇ ଯାଇଥିଲେ। ଅନ୍ୟପକ୍ଷରେ, ସଲମାନ ଖାନ ମଧ ଚଳଚ୍ଚିତ୍ର ବିରୋଧରେ ଆଇନର ଆଶ୍ରୟ ନେଇଛନ୍ତି। ତାଙ୍କ ଜୀବନ ସହ ଜଡ଼ିତ ଘଟଣାକୁ ଅନୁମତି ବିନା ପରଦାରେ ଉପସ୍ଥାପନ କରାଯାଉଥିବା ଦର୍ଶାଇ ସେ ଆଦାଲତର ଦ୍ୱାରସ୍ଥ ହୋଇଛନ୍ତି। ମୁକ୍ତି ପୂର୍ବରୁ ହିଁ 'କାଲା ହିରଣ'' ଚଳଚ୍ଚିତ୍ର ନାନା ବିବାଦ, ଅଭିଯୋଗ ଓ ଆଇନଗତ ଜଟିଳତାରେ ଘେରି ରହିଛି। ସୋନୁ ମିଶ୍ରଙ୍କ ଏହି ନୂଆ ଖୁଲାସା ପରେ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଆହୁରି ବଢ଼ିଛି।




କୁମକୁମ ଭାଗ୍ୟ'ର ଅଭିନେତ୍ରୀ ସଞ୍ଚିତା ଉଗଲେଙ୍କ ମୃତ୍ୟୁ ଘଟଣା ଦୂରଦର୍ଶନ ଜଗତରେ ଚହଳ ପକାଇଛି। ଏହି ମାମଲାକୁ ନେଇ ପ୍ରତିଦିନ ବିଭିନ୍ନ ପ୍ରକାରର ଖୁଲାସା ଓ ଦାବି ସାମ୍ନାକୁ ଆସୁଛି। ସଞ୍ଚିତା ଗତ ୧୪ ଜୁନରେ ନିଜ ଘରେ ଫାଶୀ ଲଗାଇ ଜୀବନ ହାରିଥିଲେ। ଏହି ଘଟଣା ଉପରେ ଏବେ ଅଭିନେତା ଓ ସାଂସଦ ରବି କିଶନ୍ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଜୀବନ ହାରିବା ସବୁଠାରୁ ବଡ଼ ପାପ ଏବଂ ଜୀବନ ହାରିବା ଦ୍ୱାରା ମୋକ୍ଷ ମିଳେ ନାହିଁ। ତାଙ୍କ ମତରେ, ଯିଏ ଏପରି କରେ, ତାହାର ଆତ୍ମା ପୃଥିବୀରେ ହିଁ ଘୂରିବୁଲେ। ଅନ୍ୟପଟେ, ଅଲ୍ ଇଣ୍ଡିଆ ସିନେ ୱାର୍କର୍ସ ଆସୋସିଏସନ୍ ସଞ୍ଚିତା ଉଗଲେଙ୍କ ଜୀବନ ହାରିବା ମାମଲାରେ ମହାରାଷ୍ଟ୍ର ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫାଡଣଭିସ୍‌ଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛି। ସଞ୍ଚିତା ଉଗଲେ 'ଛାୱା' ଫିଲ୍ମରେ ମଧ ଅଭିନୟ କରିଥିଲେ। ଖବର ଅନୁଯାୟୀ, ସେ ଦୀର୍ଘ ସମୟ ଧରି ମାନସିକ ଦୁଶ୍ଚିନ୍ତା ରେ ଥିଲେ। ସଞ୍ଚିତାଙ୍କ ପିତା ମଧ ଏହି କଥା ସ୍ୱୀକାର କରିଥିବା ସହ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ଟଙ୍କା ବ୍ୟତୀତ ଅନ୍ୟ କିଛି ଜିନିଷର ମଧ ଦାବି କରାଯାଉଥିଲା, ଯାହାଫଳରେ ସେ ଚାପରେ ଥିଲେ।
ଏହି ମଧ୍ୟରେ ସଞ୍ଚିତାଙ୍କ ହ୍ୱାଟ୍ସଆପ୍ ଚାଟ୍ ମଧ ସାମ୍ନାକୁ ଆସିଛି, ସେଥିରୁ ଜଣାପଡ଼ିଛି ଯେ ସହ-ଅଭିନେତା ଉଜ୍ଜ୍ୱଲ୍ ଶର୍ମା ତାଙ୍କୁ ହଇରାଣ କରୁଥିଲେ। ୧୪ ଜୁନ ୨୦୨୬ ତାରିଖରେ ସଞ୍ଚିତା ନିଜ ଘରେ ଶାଢ଼ୀରେ ଫାଶୀ ଦେଇ ଝୁଲିପଡ଼ିଥିଲେ। ସେହି ସମୟରେ ଘରେ ତାଙ୍କ ମାତା-ପିତା କିମ୍ବା ଭଉଣୀ କେହି ମଧ ଉପସ୍ଥିତ ନଥିଲେ। ସଞ୍ଚିତା ଉଗଲେଙ୍କ ଆତ୍ମହତ୍ୟା ଘଟଣା ଉପରେ ପ୍ରତିକ୍ରିୟା ଦେଇ ସାଂସଦ ରବି କିଶନ୍ 'ପିଟିଆଇ' କୁ କହିଛନ୍ତି ଯେ, "ଆଜିକାଲି ପିଲାମାନେ ଖୁବ ଶୀଘ୍ର ଜୀବନ ହାରିଦେଉଛନ୍ତି। ଗତକାଲି ଆମର ଜଣେ ଛୋଟ କଳାକାର ଥିଲେ, ବୟସ ମାତ୍ର ୨୨ ବର୍ଷ, ଟେଲିଭିଜନ୍‌ରେ କାମ କରୁଥିଲେ; ସେ ଏପରି କାର୍ଯ୍ୟ କରିଦେଲେ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ସେଥିପାଇଁ ଧ୍ୟାନ କରିବା ଜରୁରୀ। ଆଧ୍ୟାତ୍ମିକତା, ପୂଜା-ପାଠ ମଧ ଆବଶ୍ୟକ। ଏଥିରୁ ମନକୁ ଶାନ୍ତି ମିଳେ।" ରବି କିଶନ ଆହୁରି କହିଥିଲେ ଯେ, ଏହି ଦୁନିଆରେ ଏମିତି କେହି ନାହାନ୍ତି ଯାହା ଜୀବନରେ ଦୁଃଖ, କିନ୍ତୁ ଜୀବନ ହାରିବା କୌଣସି ସମାଧାନ ନୁହେଁ। ସେ କହିଥିଲେ,ସୁଖ-ଦୁଃଖ ଜୀବନରେ ଆସିଥାଏ ଏବଂ ଆସୁଥିବ। ଏମିତି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଦୁଃଖୀ ନୁହନ୍ତି କିମ୍ବା ଯାହାଙ୍କର କୌଣସି ଚିନ୍ତା ନାହିଁ। କିନ୍ତୁ ବଞ୍ଚି ରହିବା ଆବଶ୍ୟକ। ଜୀବନକୁ ଜାଣିଶୁଣି ହାରିଦେବା ସବୁଠାରୁ ବଡ଼ ପାପ। ଏଥିରେ ଆତ୍ମାକୁ କେବେ ମୋକ୍ଷ ମିଳେ ନାହିଁ।

# ସିଆଡ଼ିମାଳ ସମିତିସଭ୍ୟ ରାଜୀବ ଦାସବାବୁଙ୍କ ୪୩ତମ ଜନ୍ମଦିବସ ଉପଲକ୍ଷେ ରକ୍ତଦାନ ଶିବିର: ୪୫ୟୁନିଟ ରକ୍ତ ସଂଗୃହୀତ




ନୀଳଗିରି, ୧୮/୦୬ (ନି.ପ୍ର): ରକ୍ତଦାନ ମହାପୁଣ୍ୟ। ରକ୍ତ ଅଭାବରୁ ଗୋଟିଏ ଜୀବନ ଯେପରି ନଯାଏ ସେଥିପାଇଁ ନୀଳଗିରି ବ୍ଲକର ସିଆଡ଼ିମାଳ ପଞ୍ଚାୟତର ବିଜେଡ଼ି ସମର୍ଥିତ ସମିତିସଭ୍ୟ ରାଜୀବ ଦାସବାବୁଙ୍କ ୪୩ତମ ଜନ୍ମଦିବସକୁ ସ୍ଥାନୀୟକର୍ମୀ ମାନେ ନିଆରାଢଙ୍ଗରେ ପାଳନକରି ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ୪୫ୟୁନିଟ ରକ୍ତସଂଗ୍ରହ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅନୁରୂପ ଭାବେ ରାଜୀବ ଦାସବାବୁ ମଧ କର୍ମୀଙ୍କୁ ଉଦବୋଧନ ଛଳରେ ଆମ ରକ୍ତବଦଳରେ ଯଦି କାହା ଜୀବନ ବଞ୍ଚି ଗଲା ତାହାଠାରୁ ଆଉ ବଡ଼ପୁଣ୍ୟ କିଛି ନାହିଁ ବୋଲି କହିଥିଲେ। ଆଜି ତାଙ୍କର ୪୩ତମ ଜନ୍ମଦିବସକୁ ସ୍ଥାନୀୟ ପଞ୍ଚାୟତ ଅଫିସଗୃହରେ ପାଳନ କରାଯାଇଥିଲା। ଏହି ଅବସରରେ ଆଜି ଏକ ମେଗାରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଫିତାକାଟି ଆନୁଷ୍ଠାନିକଭାବେ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ। ତାଙ୍କ ସହିତ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସ୍ଥାନୀୟ ସରପଞ୍ଚ ସୁରଥ ସିଂ, ନାଏବ ସରପଞ୍ଚ ସାବିତ୍ରୀ ବେହେରା, ନୀଳଗିରି ଲ୍ୟାମ୍ପ ସଭାପତି ନମା ସିଂ ପ୍ରମୁଖ ଉଦ୍ଘାଟନ ସମୟରେ ଉପସ୍ଥିତ ଥିଲେ। ନୀଳଗିରି ରକ୍ତ ଭଣ୍ଡାର ଅଧିକାରୀ ଡ଼ା.ମନୋଜ କୁମାର ବାରିକ, ଏଲଟି ରାଜେଶ ଦାଶ, ସହକାରୀ ଏଲ୍ଟି ଗତିକୃଷ୍ଣ ମହାନ୍ତି, ଡି ଏମ ଏ ସଂଗ୍ରାମ ମହାପାତ୍ର, ଡବ୍ଲୁଓ ମଞ୍ଜାରୀ ବେହେରା, ଡ୍ରେସର ରାଜେନ୍ଦ୍ର ବେହେରା ପ୍ରମୁଖ ରକ୍ତ ସଂଗ୍ରହରେ ସକ୍ରିୟ ଭୂମିକା ନିଭାଇଥିଲେ। ଗ୍ରାମର ଯୁବବର୍ଗ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବେଳେ, ସମୁଦାୟ ୪୫ୟୁନିଟ ରକ୍ତସଂଗ୍ରହ କରାଯାଇ ନୀଳଗିରି ରକ୍ତ ଭଣ୍ଡାରକୁ ଅଣାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ରାଜ କୁମାର ସିଂ, ପ୍ରଭାତ ପରମଣିକ, ଉପେନ୍ଦ୍ର ପରମାଣିକ, ମଙ୍ଗୁଲୁ ସିଂ, ଈଶ୍ୱରଚନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟସରକାରଙ୍କ ଘୋଷଣା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ ଦାବିରେ ଗଣଧାରଣା



ବାଲେଶ୍ୱର, ୧୮/୦୬ (ନି.ପ୍ର): ଗତ ୧୯୯୮ ମସିହା ଠାରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ତୁରନ୍ତ ବିକାଶ କରାଯାଉ ବୋଲି ଦାବିକରି ସେଇ ଅଞ୍ଚଳର ଶତାଧିକ ନରନାରୀ ବୁଧବାର ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏହି ଧାରଣାସ୍ଥଳ ସଭାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀ ଅଧକ୍ଷତା କରିଥିଲେ। ଉକ୍ତ ଗଣଧାରଣା ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ ତଥା ଗଣ ସଂଗଠନର ନେତୃବୃନ୍ଦ ଉଦ୍‌ବୋଧନ ଦେଇ କହିଥିଲେ କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନଂ ୨୦୪୦/୭୫ ତା ୨୬-୦୨-୧୯୯୮ ରିଖ ମାଧମରେ ଚଉମୁଖ-ଡଗରା ବେଳାଭୂମିକୁ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ସ୍ୱୀକୃତି ଦେଇଥିଲାବେଳେ ଦୀର୍ଘବର୍ଷ ଧରି ଏଥିପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ବକ୍ତାମାନେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ବିସ୍ତୀର୍ଣ୍ଣ ବେଳାଭୂମି, ଝାଉଁ ଓ ହେନ୍ତାଳ ବଣର ମନୋରମ ପ୍ରାକୃତିକ ସବୁଜିମା, ଜୈବ ବିବିଧତା, ନାଲି ଓ ନୀଳରକ୍ତ କଙ୍କଡ଼ାର ଚାରଣଭୂଇଁ ଏବଂ ବିରଳ ଅଲିଭ୍ ରିଡ୍‌ଲେ କଇଁଚଙ୍କ ଅଣ୍ଡାଦେବା ସ୍ଥଳୀ ହୋଇଥିବାରୁ ଏହି ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। କିନ୍ତୁ ଅତୀତ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ଏବଂ ଘୋଷଣାସର୍ବସ୍ୱ ହୋଇ ରହିଛି। ଏହି ଅଞ୍ଚଳର ବିକାଶ ହେଲେ ସ୍ଥାନୀୟ ଅଧିବାସୀ ଓ ରାଜ୍ୟ ସରକାରଙ୍କର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ ବୋଲି ସେମାନେ କହିଥିଲେ। ଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଜନଶୁଣାଣିର ବିବରଣୀ ପ୍ରକାଶ ପାଇଁ ସେମାନେ ଦାବି କରିଥିଲେ।

ଧାରଣାସ୍ଥଳରୁ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ, ଜୟନ୍ତୀ ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚଉମୁଖ-ଡଗରା ଅଞ୍ଚଳକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରିବାକୁ ସେମାନେ ଦାବି କରିଥିଲେ। ଏତଦ୍‌ଭିନ୍ନ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହୋଇଯାଉଥିବା ଅଞ୍ଚଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ଗଣଧାରଣାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ରମଣୀ ରଞ୍ଜନ ମଣ୍ଡଳ ଓ ଲକ୍ଷ୍ମୀକାନ୍ତ ଖଟୁଆ, କମିଟିର ଆବାହକ ଅରୁଣ ଜେନା, ଚଉମୁଖ ଗ୍ରାମବାସୀଙ୍କ ପକ୍ଷରୁ ରାଜେଶ ଚୌଧୁରୀ ଓ କୁଶଧ୍ୱଜ ଜେନା ପ୍ରମୁଖଙ୍କ ସମେତ ସି.ପି.ଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସି.ପି.ଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଓ ନିର୍ମଳ ନାୟକ, ଏସ୍.ୟୁ.ସି.ଆଇର ଯୁବନେତା ପ୍ରଶାନ୍ତ ଦାସ, କଂଗ୍ରେସର ନେତା ବିଜନ ନାୟକ, ବିଜେଡ଼ି ନେତା ମନ୍ମଥ ଗିରି, ଅଲ୍ ଇଣ୍ଡିଆ ଫରୱାଡ଼୍ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ଜେ.ଏମ୍.ଏମ୍ ଜିଲ୍ଲା ସଭାପତି କମଳଲୋଚନ ବାରିକ, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ସେକ୍ ଇସ୍‌ଲାମ୍ ଓ ତୁଷାରକାନ୍ତି ମହାପାତ୍ର, ବର୍ଷୀୟାନ୍ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ସାମାଜିକ କର୍ମୀ ସାଧୁ ମଲ୍ଲିକ୍, କମଳାକାନ୍ତ ଜେନା, ବିନୋଦ କର, ତପନ ଜେନା, କାର୍ତ୍ତିକ ପାତ୍ର, କାହ୍ନୁଚରଣ ବିଶ୍ୱାଳ ଓ ଶୁକଦେବ ମଣ୍ଡଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ବଲାଙ୍ଗିର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା କମିଟି ଘୋଷଣା

ବଲାଙ୍ଗିର, ୧୮/୦୬ (ନି.ପ୍ର): ରାଜ୍ୟ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ବିଜେପି ପକ୍ଷରୁ ବିଧିବଦ୍ଧ ଭାବେ ବଲାଙ୍ଗିର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା କମିଟି ଘୋଷଣା କରାଯାଇଛି । ଏହି ଘୋଷଣା କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ବଲାଙ୍ଗିର ଜିଲ୍ଲା ପ୍ରଭାରୀ ପର୍ଶୁରାମ ମାଝୀ, ଯଦୁମଣି ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଯଜ୍ଞେଶ୍ୱର ବାବୁ,ବଲ୍ଲଭ ଧାରୁଆ, ମୁଖ୍ୟ ଉପସ୍ଥିତ ଥିଲେ। ବଲାଙ୍ଗିର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଭାବେ ଅମରଜିତ୍ ପଟେଲ୍, ସାଧାରଣ ସମ୍ପାଦକ ଭାବେ ଦେବବ୍ରତ ନିନା, ଆଦର୍ଶ ପାଣିଗ୍ରାହୀ, ଉପସଭାପତି ଭାବେ ଅନିରୁଦ୍ଧ ପଶାୟତ, ଅଙ୍କିତ ସିଂଦେଓ, ଶ୍ରୀକାନ୍ତ ବେହେରା, ଦେବବ୍ରତ ବିଶି, ମନୀଷ ଶର୍ମା । ସମ୍ପାଦକ ଭାବେ ସରୋଜ ଥାଟି, ନୌରାଜ୍ ରଣା, ଋତୁରାଜ ପଧାନ, ଅରୁଣ ସାହୁ, ଦିବ୍ୟ ପଣ୍ଡା। ଓଫିସ ସମ୍ପାଦକ ରାଜେଶ ସାହୁ, କୋଷାଧକ୍ଷ ସୁରେନ୍ଦ୍ର ପଣ୍ଡା,ସୋସିଆଲ ମିଡିଆ ଶିବା ସୁନା। ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବିବେକାନନ୍ଦ ପୁରୋହିତ, ଚନ୍ଦନ ରଣା, ହିମାଞ୍ଚଳ ସାହୁ, ଆକାଶ ମେହେର, ପ୍ରେମାନନ୍ଦ ପଧାନ୍, ଉତ୍ତମ ନାଏକ, ଦୁଃଖିଶ୍ୟାମ ରଣା, ମିତାଞ୍ଜଳି ଉପାଧ୍ୟାୟ, ଦୁଷ୍ମନ୍ତ ଷାଣ୍ଡ , ପଞ୍ଚା ବାଗ, ଚିନ୍ମୟ ସାହୁ, ନନ୍ଦଲାଲ ମେହେର, ଜତିରଞ୍ଜନ ପଟେଲ୍, ମୋନାଲିସା ମହାନ୍ତି, ରଞ୍ଜନ ପଧାନ, ସମୀର ପଧାନ, ଜିତେନ୍ଦ୍ର ସାହୁ। ସମସ୍ତ ନୂତନ ଦାୟିତ୍ୱ ପାଇଥିବା କାର୍ଯ୍ୟକର୍ତ୍ତା ଙ୍କୁ ଜିଲ୍ଲା ସଭାପତି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା ଯୁବମୋର୍ଚ୍ଚା ସୁଦୃଢ଼ ସଂଗଠନ ବିଷୟରେ ଆଲୋଚନା କରିବା ସହ ରାଜ୍ୟରେ ଯୁବମୋର୍ଚ୍ଚା କୁ ଅଗ୍ରଣୀ ଜିଲ୍ଲା ରୂପେ ପହଞ୍ଚେଇବା ପାଇଁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ୍ କହିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ପକ୍ଷରୁ ଏସଏଚଜି ପଣଧାରୀଙ୍କ ସହ 'ମେଲ୍ ମିଲାପ୍' ଆଲୋଚନା ଚକ୍ର ଆୟୋଜିତ




ରାଉରକେଲା, ୧୮/୦୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସିଏସଆର ବିଭାଗ ପକ୍ଷରୁ ଜୁନ୍ ୧୩ ତାରିଖ ଦିନ ଲାଠିକଟା ବ୍ଲକର ବାଲାଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ 'ମେଲ୍ ମିଲାପ୍' ଆୟୋଜିତ ହୋଇଯାଇଛି। ସିଏସଆର ବିଭାଗ ର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର ଏହି ଅଧିବେଶନରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଉପ ମହାପ୍ରବନ୍ଧକ ଶ୍ରୀ ପି. ସାହୁ, ବାଲାଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ଯୋଗେଶ୍ୱର କିଷାନ, ବାଲାଣ୍ଡା ଗ୍ରାମ ପଞ୍ଚାୟତର ମାଷ୍ଟର ବୁକ୍ କିପର ସୁଶ୍ରୀ ମେରୀ କ୍ରିଆନ ତିଗା, ସିଏସଆର ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଛତୁ ଚାଷ ତାଲିମ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' କାର୍ଯ୍ୟାକ୍ରମରେ ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, କମ୍ୟୁନିଟି ରିସୋର୍ସ ପର୍ସନ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ମିଶାଇ ପ୍ରାୟ ୫୦ ଜଣ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ।

ସୁଶ୍ରୀ ମୁନମୁନ ମିତ୍ର ଅଂଶଗ୍ରହଣକାରୀମାନଙ୍କ ସହ ସେମାନଙ୍କର ସଫଳତାର ଯାତ୍ରା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଅଞ୍ଚଳରେ ଆଗାମୀ ଦିନରେ ଆ।ରଏସପି-ସିଏସଆ।ର ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଆରଏସପି ର ବିକାଶମୂଳକ ଆଭିମୁଖ୍ୟରେ 'ଜନ ଭାଗିଦାରୀ' ବା ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ପାରସ୍ପରିକ ଶିକ୍ଷା ଓ ଜ୍ଞାନର ଆଦାନପ୍ରଦାନକୁ ସହଜ କରିବା ପାଇଁ ଏହି 'ମେଲ୍ ମିଲାପ୍' କାର୍ଯ୍ୟାକ୍ରମ ଆୟୋଜନ କରାଯାଇଥିଲା। ଏହି ଆଲୋଚନା ସମୟରେ ଛତୁ ଚାଷ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' ତାଲିମର ସ୍ଥିତି ଓ ସମୀକ୍ଷା କରାଯାଇଥିଲା। ଏସଏଚଜି ଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟାକ୍ରମର ପ୍ରଭାବକୁ ଆକଳନ କରିବା ଏବଂ ଭବିଷ୍ୟତରେ ବିକାଶ, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ସାମଗ୍ରିକ ଅଭିବୃଦ୍ଧି ପାଇଁ ସୁଯୋଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିସ୍ତୃତ ମତାମତ ଓ ମୂଲ୍ୟାଙ୍କନ କରାଯାଇଥିଲା।

କାର ?ୟକ୍ରମର ପ୍ରାରମ୍ଭରେ ଶ୍ରୀ ପି. ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ଜି. ଆର. ନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ସମଗ୍ର କାର୍ଯ୍ୟାକ୍ରମର ସଂଯୋଜନା କରିଥିଲେ।

# ସଂଘବଦ୍ଧ ଆକ୍ରମଣରେ ନାବାଳକର ମୃତ୍ୟୁ

ଗଂଜାମ, ୧୮/୦୬ (ନି.ପ୍ର): ବ୍ରହ୍ମପୁର ସହର ଉପକଣ୍ଠ ଖଜୁରିଆରେ ଗତକାଲି ସଂଧ୍ୟାରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଦାସସାହି ନିକଟରେ ଫୁଲଟାର କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଆର ସନିଆ(୧୭)ଙ୍କ ଉପରେ ଆକ୍ରମଣ ହୋଇଥିଲା । ଏଥିରେ ସନିଆ ଗୁରୁତର ହେବା ସହ ଅତିରିକ୍ତ ରକ୍ତ ସ୍ରାବ ଯୋଗୁଁ ବେହସ ହୋଇ ତଳେ ପଡିଯାଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡକ୍ଟର ଏହି ନାବାଳକର ମୃତ୍ୟୁ ଘୋଷଣା କରିଛନ୍ତି । ଗୋଷାଣୀ ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଛି । ବ୍ରହ୍ମପୁରରେ ପୋଲିସର କଡା ଆଭିମୁଖ୍ୟ ଓ ଏନକାଉଣ୍ଟର ଭଳି ପଦକ୍ଷେପକୁ ମଧ ଅସାମାଜିକ ବ୍ୟକ୍ତି ମାନେ ଭୃକ୍ଷେପ ନକରି ସହରରେ କ୍ରମାଗତ ଭାବେ ଗୋଟିଏ ପରେ ଗୋଟିଏ ଅପରାଧ କରି ଚାଲିଛନ୍ତି ।

# ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୮/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ଖଡ଼ିଆଳ ବ୍ଲକ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଖଡ଼ିଆଳ ଠାରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ସଭାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା, ଲୋକ କଲ୍ୟାଣମୂଳକ ପଦକ୍ଷେପ ଓ ଅଞ୍ଚଳର ବିକାଶ ଧାରା ଉପରେ ଆଲୋଚନା କରାଯାଇଥିଲା। ବକ୍ତାମାନେ ରାଜ୍ୟର ସାମଗ୍ରିକ ବିକାଶ, ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ୀକରଣ, ମହିଳା ସଶକ୍ତିକରଣ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ।

# ଇସ୍ପାତ କାରଖାନାରେ କେନ୍ଦ୍ରୀକୃତ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ବିଭାଗ ଦ୍ୱାରା ନିର୍ଭରଯୋଗ୍ୟତା ଏବଂ ବ୍ୟୟ ସଙ୍କୋଚନ ଦକ୍ଷତା ବୃଦ୍ଧି




ରାଉରକେଲା, ୧୮/୦୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀୟ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ବିଭାଗ, ଯେଉଁଥିରେ ଏୟାର କଣ୍ଡିସନିଂ, ରିପେୟାର ସପ୍ ଇଲେକ୍ଟ୍ରିକାଲ ଏବଂ ହେଭି ମେଣ୍ଟେନାନ୍ସ ଇଲେକ୍ଟ୍ରିକାଲ ଭଳି ତିନୋଟି ପ୍ରମୁଖ ୟୁନିଟ୍ ଅନ୍ତର୍ଭୁକ୍ତ, ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହା ଯନ୍ତ୍ରପାତିର ନିର୍ଭରଯୋଗ୍ୟତା, କାର୍ଯ୍ୟକ୍ଷମତାର ନିରନ୍ତରତା, ଶକ୍ତି ଦକ୍ଷତା ଏବଂ ସମ୍ବଳର ସର୍ବୋତ୍ତମ ବ୍ୟବହାରକୁ ସୁନିଶ୍ଚିତ କରିଛି।

ଏହି ବିଭାଗ ଏସ୍‌ପି-୩ ବିଭାଗର ୱେଷ୍ଟ୍ ଗ୍ୟାସ୍ ଫ୍ୟାନ୍ ପାଇଁ ବ୍ୟବହୃତ ଏକ ୧୨ ଏମ.ଭି.ଏ, ୩୩ କେ.ଭି ସ୍ପେଶାଲ କନଭର୍ଟର ଟ୍ରାନ୍ସଫର୍ମରର କାରଖାନା ପରିସର ମଧ୍ୟରେ ଅସାଧାରଣ ମରାମତି କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ ମାତ୍ର ୬୭ ଘଣ୍ଟାର ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା, ଯାହାଫଳରେ ପ୍ରତ୍ୟକ୍ଷ ଭାବେ ପ୍ରାୟ ୫୦ ଲକ୍ଷ ଟଙ୍କା ସଞ୍ଚୟ ହେବା ସହ ଉତ୍ପାଦନ ବାଧାକୁ ଯଥେଷ୍ଟ ହ୍ରାସ କରାଯାଇ ପାରିଥିଲା । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା କ୍ରମରେ, ବିଭାଗ ପକ୍ଷରୁ ନ୍ୟୁ ପ୍ଲେଟ୍ ମିଲ୍‌ର ଡବଲ୍ ସାଇଡ୍ ଟ୍ରିମିଂ ସିଅର୍ ଡ୍ରାଇଭ୍ ପାଇଁ ଏକ ଭିଏଫଡି ଭିପିଆଇ -ଗ୍ରେଡ୍ ୬୯୦ ଭି, ୪୫୦ କିଲୋ ୱାଟ ଇଣ୍ଡକ୍ସନ ମୋଟରର ସମ୍ପୂର୍ଣ୍ଣ ରିୱାଇଣ୍ଡିଂ ଏବଂ ମରାମତି କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଆମଦାନୀ-ବିକଳ୍ପ ପଦକ୍ଷେପ ସ୍ୱରୂପ ପ୍ରଥମ ଥର ପାଇଁ ଏହି ମରାମତି କାର୍ଯ୍ୟ କରାଯାଇ ପ୍ରାୟ ୩୦ ଲକ୍ଷ ଟଙ୍କାର ପ୍ରତ୍ୟକ୍ଷ ସଞ୍ଚୟ କରାଯିବା ସହ ସ୍ୱଦେଶୀ ରକ୍ଷଣାବେକ୍ଷଣ କ୍ଷମତାକୁ ଏହା ସୁଦୃଢ଼ କରିଛି ।

ବିଭାଗ, ମନ୍ଦିରା ଡ୍ୟାମ୍‌ଠାରେ ଏକ ୫୦୦ କେ.ଭି.ଏ., ୧୧ କେ.ଭି ଟ୍ରାନ୍ସଫର୍ମରର ଜରୁରୀକାଳିନ ମରାମତି କରିଥିଲା, ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନିରନ୍ତରତା ସୁନିଶ୍ଚିତ ହୋଇଥିଲା। ଏହା ସହିତ, ଏକ ୮୨୦ କିଲୋ ୱାଟ ଭି.ଏଫ.ଡି -ଚାଳିତ ଭିପିଆଇ ସିଏ ଫ୍ୟାନ୍ ମୋଟରର ମରାମତି ଏବଂ ନବୀକରଣ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କା ମଧ ଗତ ଆର୍ଥିକ ବର୍ଷରେ ସଞ୍ଚୟ କରାଯାଇ ଥିଲା । ନିଜର ବୈଷୟିକ ଦକ୍ଷତାକୁ ଆହୁରି ସମ୍ପ୍ରସାରିତ କରି, ବିଭାଗ ବରଷୁଆଁ ଲୁହାପଥର ଖଣିରେ ପ୍ରଥମ ଥର ପାଇଁ ଏକ ୨୨୫ କିଲୋ ୱାଟ, ୩.୩ କିଲୋ ୱାଟ କିର୍ଲୋସ୍କର ନିର୍ମିତ ଏଚ.ଟି ମୋଟରର ଗୁରୁତ୍ୱପୂର୍ଣ୍ଣ ମରାମତି ସଫଳତାର ସହ ସମ୍ପାଦିତ ହୋଇଥିଲା । ଅନ୍ୟ ଏକ ଉଲ୍ଲେଖନୀୟ ସଫଳତା ହେଉଛି ଟ୍ରାନ୍ସଫର୍ମର ତେଲ ଫିଲ୍ଟରେସନ କାର୍ଯ୍ୟ ପାଇଁ କାରଖାନା ପରିସର ମଧ୍ୟରେ ଏକ ୮,୮୦୦-ଲିଟର ବିଶିଷ୍ଟ ଟ୍ରାନ୍ସଫର୍ମର ତେଲ ସଂରକ୍ଷଣ ଟାଙ୍କିର ନିଜସ୍ୱ ଡିଜାଇନ୍ ଏବଂ ନିର୍ମାଣ, ଯାହା ରକ୍ଷଣାବେକ୍ଷଣ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଛି। ଚଳିତ ଆର୍ଥିକ ବର୍ଷରେ ନବୋନ୍ମେଷ କୁ ଗୁରୁତ୍ୱ ଦେଇ ବିଭାଗ, ସେଲ୍ ରେ ପ୍ରଥମ ଥର ପାଇଁ, ଷ୍ଟାଟର ଏବଂ ରୋଟର ୱାଇଣ୍ଡିଂ ପାଇଁ ଏକ କ୍ରାୟୋଜେନିକ୍ କ୍ଲିନିଂ ସିଷ୍ଟମ୍ ପ୍ରବର୍ତ୍ତନ କରିଛି। ଏହି ଆଧୁନିକ ଜ୍ଞାନକୌଶଳ ଇନସୁଲେସନ ପ୍ରତିରୋଧ, ୱାଇଣ୍ଡିଂର ସ୍ୱଚ୍ଛତା ଏବଂ ସାମଗ୍ରିକ ଯନ୍ତ୍ରପାତିର ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆଣିଛି, ଯାହା ବୈଦ୍ୟୁତିକ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ସମାଧାନ ଭାବେ ଉଭା ହୋଇଛି। ପାରମ୍ପରିକ ପ୍ରତ୍ୟକ୍ଷ-ଉତ୍ତାପ ପଦ୍ଧତି ବଦଳରେ ଷ୍ଟାଟର କୋରରୁ ପୋଡ଼ିଯାଇଥିବା କୋଏଲଗୁଡ଼ିକୁ ବାହାର କରିବା ପାଇଁ ବିଭାଗ ପକ୍ଷରୁ ଏକ 'ହଟ୍ ସୋଡା ୱାଟର ଡିପିଂ ସିଷ୍ଟମ୍' ମଧ ପ୍ରବର୍ତ୍ତନ କରାଯାଇଛି। ଏହି ନୂତନ ଜ୍ଞାନକୌଶଳ ଷ୍ଟାଟର କୋରର ଆୟୁଷକୁ ଯଥେଷ୍ଟ ବଢ଼ାଇବା ସହ ମରାମତିର ଗୁଣବତ୍ତା ଏବଂ କାର୍ଯ୍ୟ ସୁରକ୍ଷାରେ ଉନ୍ନତି ଆଣିଛି।

କଞ୍ଚାମାଲ ପରିଚାଳନା ଏବଂ ଲୁହା ପ୍ରସ୍ତୁତିଠାରୁ ଆରମ୍ଭ କରି ଇସ୍ପାତ ପ୍ରସ୍ତୁତି, ରୋଲିଂ ଏବଂ ଫିନିସିଂ ପର୍ଯ୍ୟନ୍ତ ସମଗ୍ର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରେ ନିରବଚ୍ଛିନ୍ନ କାର୍ଯ୍ୟକ୍ଷମତା ବଜାୟ ରଖିବାରେ ଏହି ବିଭାଗର ସଫଳତା ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ରେଖାଙ୍କିତ କରୁଛି।

# ପଟିଆଗଡ ମୁକ୍ତ ମଞ୍ଚ ନାଟକ ମହୋତ୍ସବ



ଭୁବନେଶ୍ୱର,୧୮।୬: କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ରଜପର୍ବ ଉପଲକ୍ଷେ ପଟିଆ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ଉତ୍ସବ ଓ ମୁକ୍ତ ମଞ୍ଚ ନାଟକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଆଜି ଗାଡକଣ ମା ଦୁର୍ଗାଦେବୀ ଡ୍ରାମାଟିକ୍ କ୍ଲବ ମଞ୍ଚସ୍ଥ କରିଛି ଅଶ୍ଳୀଳପୂର୍ଣ୍ଣ ସାମାଜିକ ନାଟକ ସୁଖ ସାତପାର ଦୁଃଖ ନିଜର। ରବିବାର ଠାରୁ ଆରମ୍ଭ ହୋଇଥିବା ନାଟକ ମହୋତ୍ସବର ପ୍ରଥମ ରାତ୍ରିରେ ବରିମୁଣ୍ଡ ଶ୍ରୀ ଲକ୍ଷେଶ୍ୱର ଡ୍ରାମାଟିକ୍ କ୍ଲବ ଦ୍ୱାରା କାନ୍ଦେନା ଲୁହ ସରିଯିବ, ଦ୍ୱିତୀୟ ରାତ୍ରିରେ କଳାରାହାଙ୍ଗ ଶ୍ରୀ ଜଳେଶ୍ୱର ଡ୍ରାମାଟିକ୍ କ୍ଲବ ଆଖିର ଜନମ କାନ୍ଦିବା ପାଇଁ ଓ ତୃତୀୟ ରଜନୀରେ ଡମଣା ଗ୍ରାମ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ନାଟ୍ୟ ପରିଷଦ ଦ୍ୱାରା ନାଟକ ଆଖି ଅବୁଝା କୁ ଲୁହ ଅବୁଝା ମଞ୍ଚସ୍ଥ ହୋଇଥିଲା। ପ୍ରତ୍ୟେକ ନାଟକ ବେଶ୍ ମନଛୁଆଁ ହେବା ସହ କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉଦ୍‌ଘାଟନୀ ଉତ୍ସବ ରାତ୍ରିରେ ଅତିଥି ଭାବେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର, ଯୁବନେତା ରୁଦ୍ର ସାମନ୍ତରାୟ, ଅଭିନେତା ପ୍ରହଲ୍ଲାଦ ପଟ୍ଟନାୟକ ଓରଫ ହାଡୁ ଯୋଗ ଦେଇଥିଲେ। ଦ୍ୱିତୀୟ ରାତ୍ରିରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଯାତ୍ରା ଅଭିନେତା ଚିଙ୍କୁ ସାମଲ ଯୋଗ ଦେଇଥିଲେ। ସେହିପରି ତୃତୀୟ ରାତ୍ରିରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ଯାତ୍ରା ଟାଇଗର ତଥା ବରିଷ୍ଠ ଯାତ୍ରା ଅଭିନେତା ଦଇତାରୀ ପଣ୍ଡା ଯୋଗଦେଇ ଓଡିଶାର କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବକୁ ପ୍ରଶଂସା କରିଥିଲେ। ସଭାପତି ଶଶୀକାନ୍ତ ମହାରଣାଙ୍କ ସଭାପତିତ୍ୱ କରିଥିଲାବେଳେ ଉପସଭାପତି କ୍ଷୀତିଶ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ମିହିର କୁମାର ରାଉତ ଉପସ୍ଥିତ ଥିଲେ। ମହୋତ୍ସବକୁ ଆକର୍ଷିତ କରିବା ପାଇଁ ପଡିଆ ସାରା ମୀନା ବଜାର ଓ ବିଭିନ୍ନ ଫୁଡ୍ ଷ୍ଟଲ ପଡିଛି। ଦର୍ଶକମାନେ କିଣାକିଣି, ଖିଆପିଆ କରିବା ସହିତ ସାଂସ୍କୃତିକ କାର୍ଯ୍ୟକର୍ମର ମଜା ନେଉଛନ୍ତି। ଶେଷ ରାତ୍ରିରେ ପୁରସ୍କାର ବିତରଣ ଉତ୍ସବ ସହିତ ପଟିଆଗଡ ତରଫରୁ ସାମାଜିକ ନାଟକ ଆଖି କାନ୍ଦୁଛି ତୋରି ପାଇଁ ମଞ୍ଚସ୍ଥ ହୋଇଛି।

# ଆଧାର ନାହିଁ ତ ପାଠ ନାହିଁ: ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହେଲେ 'ଲକ୍ଷ୍ମୀ'



ଉଦଳା, ୧୮/୬ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଚତୁରି ଗ୍ରାମର ବାସିନ୍ଦା ଦୁର୍ଗା ହାଁସଦାଙ୍କର ୧୨ବର୍ଷ ବୟସର କନ୍ୟା 'ଲକ୍ଷ୍ମୀ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ 'ଲକ୍ଷ୍ମୀ' ଗ୍ରାମନିକଟରେ ଥିବା ବନ୍ଧମାଳ ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ୬ଷ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗୁଛନ୍ତି । 'ଲକ୍ଷ୍ମୀ'ଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ତାଙ୍କର ନାମ ନଲେଖାଇ ଫେରାଇ ଦେଉଥିବାର କଥା ପରିବାରର ଲୋକେ ଅଭିଯୋଗ କରିଛନ୍ତି । ଆଧାର ପାଇଁ 'ଲକ୍ଷ୍ମୀ' ବାରମ୍ୱାର ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ସେହିପରି ଘରଠାରୁ ବିଦ୍ୟାଳୟ ଦୂର ହେଉଥିବାରୁ ନିୟମିତ ଯିବା ଆସିବା କରି ପାଠପଢ଼ିବା 'ଲକ୍ଷ୍ମୀ'ଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ିଛି । ତେଣୁ ସେ ହଷ୍ଟେଲରେ ରହି ପାଠ ପଢ଼ିବାକୁ ଚାହୁଁଛନ୍ତି । କିନ୍ତୁ କୌଣସି ହଷ୍ଟେଲରେ ତାଙ୍କୁ ସିଟ ମିଳିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଏହିଭଳି ଭାବରେ 'ଲକ୍ଷ୍ମୀ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ଜଣାଯାଇଛି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । 'ଲକ୍ଷ୍ମୀ' ଜଣେ ଆଦିବାସୀ ଛାତ୍ରୀ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ତାଛଡ଼ା ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟି ଚାଲିଛନ୍ତି । ଅଥଚ 'ଲକ୍ଷ୍ମୀ'ଙ୍କ ପରି ବିଭିନ୍ନ କାରଣରୁ ଏବେ ମଧ୍ୟ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ନୂଆପଡ଼ାରେ ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ନୂଆପଡ଼ା, ୧୮/୬ (ନି.ପ୍ର): ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ 'ପ୍ରତ୍ୟେକ ଶିଶୁ ଶିଖୁ, ବଢ଼ୁ ଓ ସ୍ୱପ୍ନ ଦେଖୁ' ଅନ୍ତର୍ଗତ ଶିଶୁ ଶ୍ରମ ଉଚ୍ଛେଦ, ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ-ମିତ୍ର ସମାଜ ଗଠନ ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ପକ୍ଷରୁ ଆଜି ସ୍ଥାନୀୟ ସଦ୍ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ପରାମର୍ଶ ଓ ଆଇଇସି ଓରିଏଂଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ, ନୂଆପଡ଼ା ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଡ଼ିଆର ରୋଡ଼ ଏନ୍‌ଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଏସସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କଳ୍ପନା ଲେଙ୍କା ଏବଂ ଶିଶୁ ଅଧିକାର ବିଶେଷଜ୍ଞ ତଥା ରିସୋର୍ସ ପର୍ସନ୍ ଜ୍ୟୋତିପ୍ରକାଶ ବ୍ରହ୍ମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ଶିଶୁ ଶ୍ରମ (ନିଷେଧ ଓ ନିୟମନ) ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥା, ଶିଶୁ ଚାଲାଣ ପ୍ରତିରୋଧ, ଶିଶୁମାନଙ୍କର ଶୀଘ୍ର ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ସମାଜର ମୂଳ ସ୍ରୋତରେ ପୁନଃସମାବେଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ବୋଧିତ କରି ଓଏସସିପିସିଆର ଅଧ୍ୟକ୍ଷା କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା ଓ ସାମଗ୍ରିକ ବିକାଶ ଆମ ସମସ୍ତଙ୍କର ସର୍ବୋଚ୍ଚ ଦାୟିତ୍ୱ । ଶିଶୁମାନଙ୍କର ବିକାଶ ବିନା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ ନାହିଁ । ଶିଶୁ ଶ୍ରମ ଉଚ୍ଛେଦ ଦିଗରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ସେ ପ୍ରଶଂସା କରିବା ସହ ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ନୂଆପଡ଼ାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଭାବେ ଗଢ଼ି ତୋଳା ଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାରେ ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ପ୍ରବାସୀ ଶ୍ରମିକ ସଚେତନତା ଶିବିର ମାଧ୍ୟମରେ ଶିଶୁ ଶ୍ରମ ରୋକିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଜିଲ୍ଲାରେ ଏପର୍ଯ୍ୟନ୍ତ ୮୦ରୁ ଅଧିକ ସଚେତନତା ଶିବିର ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା ପାଇଁ ନିୟମିତ ଭାବେ କନଭର୍ଜେନ୍ସ ବୈଠକ ଅନୁଷ୍ଠିତ ହେଉଛି । ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ପାଇଁ ସଚେତନତା, ସମନ୍ୱୟ ଓ ସମୁଦାୟର ସକ୍ରିୟ ଭାଗୀଦାରି ଅପରିହାର୍ଯ୍ୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ) ସଚିବ ନବନୀତା ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ବବିତା ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ କର୍ମୀମାନେ ଉପସ୍ଥିତ ଥିଲେ ।

# ଆରବନ୍ଧ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି: ସମିତି ବୈଠକରେ ଭିଜିଲାନ୍ସ ତଦନ୍ତ ଦାବିକଲେ ସ୍ଥାନୀୟ ସରପଞ୍ଚ



ନୀଳଗିରି, ୧୮/୬ (ନି.ପ୍ର): ଗତ ୧୧ତାରିଖ ନୀଳଗିରି ବ୍ଲକ ପରିସରସ୍ଥିତ ସମ୍ମିଳନୀକକ୍ଷରେ ୬ଷ୍ଠତମ ସମିତିବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ ନିଜ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ଗାଥା ବଖାଣିଥିଲେ । କେଉଁଠି ଫଳକ ଭୁଲ ଲେଖାଯାଇଛି ତ କେଉଁଠି ନିମ୍ନମାନର କାମକରି ଠିକାଦାର ଟଙ୍କା ହଡପ କରିନେଇଛନ୍ତି ବୋଲି ବିଡିଓଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସରପଞ୍ଚଙ୍କ ମତରଖି କହିଥିଲେ ଯେ ବିକଶିତ ଗାଁ ବିକଶିତ ଓଡିଶା ସରକାରଙ୍କ ସୁନ୍ଦରଯୋଜନା । ଗାଁର ବିକାଶହେଲେ ଓଡିଶା ବିକାଶ ହେବ । ମାତ୍ର ସରକାର ପରିବର୍ତ୍ତନ ହେବାପରେ ଆମେ ବିରୋଧୀ ଦଳର ହୋଇଥିବାରୁ ଆମକୁ କୋଣଠେସା କରାଯାଉଛି । ଜନହିତକର ଯୋଜନାରେ ଲୋକଙ୍କ ଟଙ୍କାକୁ କିଛି ଅସାଧୁ ସରକାରୀ ବାବୁ ଓ ଠିକାଦାର ବେଧଡକ ଭାବେ ଲୁଟ କରୁଛନ୍ତି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ଆରବନ୍ଧ ଖେଳପଡିଆକୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୪ଲକ୍ଷ ଟଙ୍କା ଆସିଥିଲା । ଯେଉଁଥିରେ ଖେଳପଡିଆର ଉନ୍ନତିକରଣ କରାଯାଇଥିଲା । ମାତ୍ର ଉନ୍ନତିକରଣ ପରିବର୍ତ୍ତେ ମାତ୍ର ୩୮ଟି ବସିବା ବେଞ୍ଚ ଏବଂ ପୂର୍ବରୁ କାମ ହୋଇଥିବା ଏକ ଷ୍ଟେଜରେ ନିମ୍ନମାନର ଟାଇଲ ପକାଇ ସମସ୍ତ ଟଙ୍କାଉଠାଣ କରାଯାଇଛି । ସେହିପରି ଖୁମଟୁଣା ଗ୍ରାମର କରତିଆ ନାଳରେ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଏକ ନଦୀ ଘାଟ ପ୍ରସ୍ତୁତ କରାଯାଇଛି । ଯାହା ଗାଁ ଠାରୁ ୫୦୦ ମିଟର ଦୂରରେ ରହିଥିବା ବେଳେ ଖରାଦିନେ ଉକ୍ତନାଳରେ ପାଣି ରୁହେନି ଓ ବର୍ଷାଋତୁରେ ଶତାଧିକ କାଦୁଆ ବିଲକୁ ପାରହେଲେ ନାଳ ନିକଟରେ ପହଞ୍ଚିବାକୁ ହୁଏ । ସେଠାରେ ଅନାବଶ୍ୟକ ଭାବରେ ଠିକାଦାର ନିଜ ଜମିକୁ ଲଗେଇ ଏହି ଘାଟକରି ଲାଭବାନ ହେବାପାଇଁ ସରକାରୀ ଅର୍ଥକୁ ସେଠାରେ ଲଗାଇଥିବା ଅଭିଯୋଗ କରିଥିଲେ । ଏହାବାଦ ତଳ ବୟାଁପଲ୍ଲୀ ମହିଷାସୁରୀ ଠାକୁରାଣୀଙ୍କ ନିକଟରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଏକ ମଣ୍ଡପ ପ୍ରସ୍ତୁତ ହୋଇଥିଲା । ଫଳକରେ ମଣ୍ଡପ ପ୍ରସ୍ତୁତ ପାଇଁ ୩ଲକ୍ଷ ୫୦ହଜାର ଟଙ୍କା ବିଲ୍ ପୈଠ ହୋଇଥିବା ବେଳେ ଫଳକରେ ୨ ଲକ୍ଷ ୫୦ ହଜାର ଲେଖି ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଶାଳଡହର ମୌଜା ବାଲୁଙ୍ଗାଗଡିଆ ଶ୍ମଶାନଘାଟ କାର୍ଯ୍ୟ ଅଧପନ୍ତରିଆ ହୋଇପଡିରହିଛି । ଶ୍ମଶାନ ନିର୍ମାଣ ପାଇଁ ଉଠାଣ ହୋଇଥିବା ୧ ଲକ୍ଷ ୬୪ ହଜାର ଟଙ୍କାରେ ମାତ୍ର ୮ ଟି ପିଲର ପ୍ରସ୍ତୁତ ହୋଇଛି । ଯେଉଁଥିରେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି । ସେହିପରି ବଡପାଳଶା ବିଜୟ ରାଉତ ଘରଠାରୁ ବରହମପୁର ସୀମା ପର୍ଯ୍ୟନ୍ତ ମୋରମ ରାସ୍ତା ନିମ୍ନମାନର କାର୍ଯ୍ୟ ହୋଇ ରୋଲର ଚଢାନଯାଇ ୨ଲକ୍ଷ ଟଙ୍କା ହଡପ କରାଯାଇଛି । ତେଣୁ ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବୀ କରିଥିଲେ ସରପଞ୍ଚ । ଏନେଇ ବିଡିଓ ବିକ୍ରମ କିଶୋର ପରିଡାଙ୍କୁ ପଚାରିବାରୁ ଆରବନ୍ଧ ସରପଞ୍ଚ ଅନେକ ଅଭିଯୋଗ ଆଣିଛନ୍ତି ଯେଉଁଥିରେ କିଛିର ତଦନ୍ତ ହୋଇଛି ଅନ୍ୟଗୁଡିକ ଖୁବଶୀଘ୍ର ତଦନ୍ତ କରାଯିବ । ଦୁର୍ନୀତି ହୋଇଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

# କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣର ଅନିୟମିୟତା ଓ ୧୦ ବର୍ଷ ଧରି କାର୍ଯ୍ୟ ବନ୍ଦ ଦ୍ୱନ୍ଦ୍ୱ ବଢି ବଢି ଚାଲିଛି




ବୈଶିଙ୍ଗା , ୧୮/୬ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକ ଙ୍କ ସୁବିଧା ଦୃଷ୍ଟିରୁ ବୃହତ ପଞ୍ଚାୟତ ଭାବେ ବୈଶିଙ୍ଗା ପଞ୍ଚାୟତ କୁ ଭାଙ୍ଗି କେନ୍ଦୁଆ କୁ ନୂତନ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଗଲା । ନିର୍ବାଚନରେ ପ୍ରଥମ ମହିଳା ସରପଞ୍ଚ ଭାବେ ସ୍ନିଗ୍ଧା ରାଣୀ ହାଁସଦା ନିର୍ବାଚିତ ହୋଇଥିଲେ । କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ କାର୍ଯ୍ୟାଳୟ ଚାଲିଥିଲା ଏବେ ବି ଚାଲୁଅଛି । ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁରୀ ମିଳିବା ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂ୫୧୮/ ୧୩.୨.୨୦ ବଳରେ ଉପ ଜିଲ୍ଲାପାଳ ବାରିପଦା ଙ୍କ ସହିତ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁର ଠାରେ ଖାତା ନଂ ୧୩୦, ପ୍ଲଟ ନଂ ୨୭୫.ରେ ଗୃହ ନିର୍ମାଣ କରା ଯିବାର ସିଦ୍ଧାନ୍ତ ନିଆଯାଇଥିଲା । ଏହା ପରେ ତା ୩୦.୭.୨୦ରିଖରେ ସ୍ୱତନ୍ତ୍ର ପଲ୍ଲୀ ସଭା ଡକାଯାଇ ଏହି ଜମି ଟି ଜଙ୍ଗଲ କିସମ ଥିବାରୁ ଘରବାରିରେ ପରିବର୍ତ୍ତନ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଥିଲା । ପଲ୍ଲୀସଭା ପରେ ତା୧୮.୧୧.୨୦ ରିଖ ଗ୍ରାମସଭା ରେ ଅନୁମୋଦନ କରାଯିବା ସହିତ ପ୍ରସ୍ତାବ ପାରିତ କରାଗଲା । ମାତ୍ର କେତେକ ରାଜନୈତିକ ବଡ ପଣ୍ଡା ଙ୍କ ଚକ୍ରାନ୍ତ ରେ ପଞ୍ଚାୟତ ବାସୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯିବା ଯୋଗୁଁ ସପକ୍ଷ ଓ ବିପକ୍ଷ ଙ୍କ ମଧ୍ୟରେ ବଳ କଷା କଷି ଚାଲିଲା । ଯାହା ଫଳରେ ସାତ ବର୍ଷରେ ପରେ ମଧ୍ୟ ଗୃହ ନିର୍ମାଣ ହୋଇ ପାରିଲା ନାହିଁ । ଏଥିପାଇଁ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧା ରାଣୀ ହାଁସଦ ଙ୍କ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ତା୧୮.୧୧.୨୧ ରିଖରେ ଏକ ଦାବିପତ୍ର ଦିଆଯିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲ୍ଲାପାଳ ଓ ପଞ୍ଚାୟତ ଅଧିକାରୀ ବାରିପଦା ଙ୍କୁ ଏହାର ଏକକିତା ନକଲ ଦିଆଗଲା । ଏହାପରେ ଆଉଥରେ ଯୁଗ୍ମ କମିଟି ଦ୍ୱାରା ସ୍ଥାନ ନିରୂପଣ କରାଯିବ ବୋଲି ଜଣାଇ ଦିଆଗଲା । ମାତ୍ର ୨୦୨୨ ପଞ୍ଚାୟତ ନିର୍ବାଚନ ପରେ କୌଣସି ଗ୍ରାମସଭା ରେ ସ୍ଥାନ ନିରୂପଣ ପାଇଁ ସିଦ୍ଧାନ୍ତ ନିଆ ନ ଯାଇ ତା ୨୨.୧୧.୨୪ ରଖ ରେ ବିଧାୟକ ସନାତନ ବିଜୁଳି ଙ୍କ କରକମଳରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ଭୂମି ପୂଜା କରାଗଲା । ଏଭଳି ଏକଛତ୍ରବାଦ କାର୍ଯ୍ୟ କୁ ବିରୋଧ କରି ମୋହନପୁର ଠାରେ ୯ ଗୋଟି ୱାର୍ଡ ର ୱାର୍ଡ ସଭ୍ୟଙ୍କ ସହିତ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମୋହନପୁର ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରାଯିବା ପାଇଁ ପ୍ରସ୍ତାବ ପାରିତ କରା ଗଲା । ବିଧାୟକ ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ସ୍ଥାନଟି ୫/୬ କି.ମି.ଦୂର ହେବା ଯୋଗୁଁ ରାସନ ଚାଉଳ ଆଣିବା, ବୃଦ୍ଧ /ବୃଦ୍ଧା ମାନଙ୍କୁ ଭତ୍ତା ଆଣିବା ବହୁ କଷ୍ଟକର ହେବ ବୋଲି ଅଭିଯୋଗ କରାଯାଇଥିଲା । ଏଥି ସହିତ ଯେଉଁ ଉଦ୍ଦେଶ୍ୟରେ ବଡ ପଞ୍ଚାୟତ କୁ ଭାଙ୍ଗି ନୂତନ ପଞ୍ଚାୟତ ସୃଷ୍ଟି କରାଗଲା ତାର ଉଦ୍ଦେଶ୍ୟ ସାଧନ ହୋଇ ପାରିଲା ନାହିଁ । ଏହି ସବୁ ଦୃଷ୍ଟିରୁ ପୂନର୍ବାର ସ୍ଥାନ ନିରୂପଣ କରାଯାଇ ଗୃହ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଗ୍ରାମବାସୀ ମାନେ ମତପ୍ରକାଶ କରିଛନ୍ତି । ନୂତନ ବିଡିଓ ଖୁବ୍ ଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରକାଶ କରିଥିଲେ । ମାତ୍ର ୧୦ ବର୍ଷ ହେବାଲୁ ଯାଉଥିବା ବେଳେ ଏହି ଘର ନିର୍ମାଣ ନ ହେବା ପରିତାପର ବିଷୟ ପାଲଟିଛି ।

# ପତିତପାବନ ଯୁବ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର , ୧୮/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର ରଜ ପର୍ବ ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ପୁର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ରାଧା କିଶୋର ଦାସ, ନାଟ୍ୟ ନିର୍ଦ୍ଦେଶକ ଚିନ୍ମୟ ନାୟକ, ଶିକ୍ଷକ ଦୀପକ ବେହେରା,ଇଞ୍ଜିନିୟର ଅକ୍ଷୟ ସାମଲ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଅନୁଷ୍ଠାନର ସଦସ୍ୟ ମୁକେଶ ନାୟକ, ରମେଶ ଚନ୍ଦ୍ର ବିଶ୍ୱାଳ, ସରୋଜ ସାହୁ,ଦୟାନିଧି ବିଶ୍ୱାଳ, ଅଭୟ ନାୟକ,ସୂର୍ଯ୍ୟକାନ୍ତ ନାୟକ, ଅନିଲ ପଣ୍ଡା, ସଞ୍ଜୟ ନାୟକ, ପ୍ରଦୀପ ସାହୁ, ବାବାଜୀ ଚରଣ ବିଶ୍ୱାଳ, କାଳନ୍ଦୀ ସାହୁ, ସତ୍ୟ ସୁନ୍ଦର ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ନାଟକ କହିବାକୁ ଲାଜ ଶୁଣିଲେ ପାପ ମଞ୍ଚସ୍ଥ ହୋଇ ଥିଲା । ଏହି ନାଟକର ନାଟ୍ୟକାର ଅଜୟ ସ ଓ ଯୁବ ନିର୍ଦ୍ଦେଶକ ଚିନ୍ମୟ ନାୟକ ନାଟକଟିକୁ ଖୁବ୍ ନିଆରା ଢଙ୍ଗରେ ସଫଳତା ଆଣି ଦେଇ ଥିଲେ । ଏହି ଅବସରରେ ଯାତ୍ରା ଜଗତର ଲୋକପ୍ରିୟ ହାସ୍ୟ ଅଭିନେତା ଦୟାନିଧି ଉପାଧ୍ୟାୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସୁନ୍ଦର ସଂଳାପ ମାଧ୍ୟମରେ ସମସ୍ତ ଦର୍ଶକ ବନ୍ଧୁ ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକା-ଇରାନ ଶାନ୍ତି ...

ବୀମା କଟକଣା ବିନା ଅନ୍ତର୍ଜାତୀୟ ବଜାରରେ ଏହାର ତେଲ ବିକ୍ରି କରିବାକୁ ଅନୁମତି ଦିଆଯିବ । ଏହା ବ୍ୟତୀତ, ଅନ୍ତର୍ଜାତୀୟ କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଅଟକି ରହିଥିବା ଇରାନର ଜମା ହୋଇଥିବା ସମ୍ପତ୍ତିକୁ ଆମେରିକା ପୁନଃସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଛି । ଦେଶର ଆର୍ଥିକ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଇରାନ ତୈଳ ରପ୍ତାନି ରାଜସ୍ୱ ସିଧାସଳଖ ନିଜ ହାତକୁ ନେବାକୁ ଲକ୍ଷ୍ୟ ରଖିଛି । ଏହି କୂଟନୈତିକ ବିଜୟକୁ ପାଳନ କରାଯାଉଥିବା ବେଳେ, ଆମେରିକାର ଅଧିକାରୀମାନେ ଏକ ଚେତାବନୀ ମଧ୍ୟ ଦେଇଛନ୍ତି । ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ କହିଛନ୍ତି ଯେ, ଏହି ଚୁକ୍ତି କେବଳ ଏକ ପ୍ରାଥମିକ ଢାଞ୍ଚା । ଯଦି ଏହାର ସର୍ତ୍ତାବଳୀ ଉଲ୍ଲଂଘନ କରାଯାଏ ତେବେ ଯେକୌଣସି ପକ୍ଷ ଯେକୌଣସି ସମୟରେ ଚୁକ୍ତିରୁ ଓହରି ଯାଇପାରିବେ ।

### ଜେଲ୍ ଡିଆଇଜିଙ୍କୁ ଲିଟୁଆ ...

ଏହାକୁ ନେଇ ବିବାଦ ତେଜିଥିବା ବେଳେ, ଲିଟୁଆର ନୂଆ ଗୁମର ଖୋଲିଛନ୍ତି ନିଜେ ଜେଲ୍ ଡିଆଇଜି ଅନସୂୟା ଜେନା । ଫୋନ୍‌ରେ ବଖାଣିଛନ୍ତି, ଲିଟୁଆ ସହ ମୁହାଁମୁହିଁ ହେବା ବେଳେ ଜେଲ୍ ଭିତରେ କଣ ଘଟିଥିଲା । ପକେଟ୍‌ରୁ ୧୩ଶହ କିମ୍ବା ୨୭ଶହ ଟଙ୍କା ମିଳିବା ପରେ, ତାକୁ ସିଜର୍ ତାଲିକାରେ ପକାଯାଇଥିଲା । ଏ ପ୍ରଶ୍ନ ଉଠୁଛି, ଜେଲ୍ ଭିତରେ ବିଚାରାଧୀନ ବନ୍ଦୀ ପାଖକୁ ଏତେ ଟଙ୍କା ଆସିଲା କେମିତି ? ଚୌଦ୍ୱାର ଜେଲ୍ ଭିତରେ ଚାଲିଛି କି କୌଣସି ବଡ଼ କାରବାର ? ଗ୍ୟାଙ୍ଗଷ୍ଟର ଓ ଜେଲ୍ କର୍ମଚାରୀଙ୍କ ମଧ୍ୟରେ ରହିଛି କି ମଧୁଚନ୍ଦ୍ରିକା ? ଚର୍ଚ୍ଚା ଜୋର୍ ଧରିଲାଣି, ଚୌଦ୍ୱାର ଜେଲ୍‌ରେ କ'ଣ ଚାଲିଛି ? ଆରାମରେ କଏଦୀ ଚମ୍ପଟ୍ ମାରୁଛନ୍ତି, ଖୋଲାଖୋଲି ଗ୍ୟାଙ୍ଗଷ୍ଟର୍ ଗାଡ଼ି ଧରି ପଶୁଛନ୍ତି । ଯେତେବେଳେ ଯିଏ ଚାହିଲା ପଶିଲା, ଯିଏ ଚାହିଲା ବାହାରିଲା । ଇଏ ଜେଲ୍ ନା ଧର୍ମଶାଳା ? କଏଦୀଙ୍କ ସୁନା ଗହଣା ଗାୟବ୍ ଘଟଣା ତ ଆଉ ଏକ ବିବାଦୀୟ ଫର୍ଦ୍ଦ ।

### ଆସୁଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ...

ଏହି ଅବସରରେ ରାଜ୍ୟ ସରକାଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୨ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗେ ଦେବେ । ରାଜ୍ୟବାସୀଙ୍କ ଆଗରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତା ଗଣାଇବେ । ନିର୍ମାଣ ସରିଥିବା ବହୁ ପ୍ରକଳ୍ପର ଉଦଘାଟନ କରିବା ସହ ଅନେକ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏମ୍‌ସର ସାଟେଲାଇଟ୍ ସେଣ୍ଟର, ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ, ଆଇ ଆଇଏଫ୍‌ଏମ୍, ୨ଟି ନବୋଦୟ ବିଦ୍ୟାଳୟ, ତୀରନ୍ଦାଜୀ ଏକାଡେମି ପାଇଁ ପ୍ରସ୍ତୁତି ସରିଛି । ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ପ୍ରତିଟି କ୍ଷେତ୍ରରେ ବିକଶିତ ଓଡ଼ିଶାର ଝଲକ ରାଇରଙ୍ଗପୁରରେ ଦେଖିବାକୁ ମିଳିବ । ଆଗୁଆ ହେବ ପଛୁଆ ମୟୂରଭଞ୍ଜ ।

### ମୌସୁମୀ ଅଧିବେଶନରେ...

ଏହା ଉପରେ ରୋକ୍ ଲଗାଯାଇଥିଲା, ଯାହାକୁ ପରେ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହି ବିଲ୍ ମାଧ୍ୟମରେ ମୋଦୀ ସରକାର ଲୋକସଭା ଆସନ ସଂଖ୍ୟା ବର୍ତ୍ତମାନର ୫୪୩-୫୫୦ରୁ ପ୍ରାୟ ୮୫୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି । ସରକାର ଯୁକ୍ତି କରନ୍ତି ଯେ, ୧୯୭୧ ପରଠାରୁ ଦେଶର ଜନସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ପ୍ରତ୍ୟେକ ସାଂସଦ ୪୦ରୁ ୫୦ ଲକ୍ଷ ଭୋଟରଙ୍କ ପ୍ରତିନିଧିତ୍ୱ କରୁଛନ୍ତି, ଯାହା ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଏଥି ସହିତ, ତାମିଲନାଡୁ, କେରଳ ଭଳି ଦକ୍ଷିଣ ରାଜ୍ୟଗୁଡ଼ିକ ବିଶ୍ୱାସ କରନ୍ତି ଯେ ସେମାନେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରିଥିଲେ, ଯେତେବେଳେ ଉତ୍ତର ପ୍ରଦେଶ, ବିହାର ଭଳି ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ।

### ସରିଲା ଖରା...

ଅନେକ ପିଲାଙ୍କ ମଧ୍ୟରେ ନୂଆ ପାଠ ପଢାକୁ ନେଇ ଉତ୍ସାହ ରହିଥିବା ବେଳେ କିଛିଟା ଛାତ୍ରଛାତ୍ରୀ ତାତିକୁ ଦେଖି ସକାଳେ ସ୍କୁଲ ହୋଇଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି ।

# ଛମୌଜ ମା' ଦୁର୍ଗା ସ୍ଟୁଡସ କ୍ଲବ ପକ୍ଷରୁ ଦିବାରାତ୍ରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ




ଜଳେଶ୍ୱର, ୧୮/୬ (ନି.ପ୍ର): ଜଳେଶ୍ୱର ବ୍ଲକ ଗୋପୀମୋହନ ପୁର ପଞ୍ଚାୟତ ଛମୌଜ ରାଣୀ ପଡ଼ିଆଠାରେ ଛମୌଜ ମା ଦୁର୍ଗା ସ୍ଟୁଡସ କ୍ଲବ ପକ୍ଷରୁ ଦିବାରାତ୍ରି ଭଲିବଲ ଟୁର୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଛମୌଜ, ଚନ୍ଦନେଶ୍ୱର, ଚକବିଷ୍ଣୁ, କମରଦା, ଏଗ୍ରା ଏହି ପାଞ୍ଚଟି ଦଳ ଭାଗ ନେଇଥିଲେ । ଅଞ୍ଜନ କୁମାର ସାହୁ ଓ ସଞ୍ଜୀବ କୁମାର ପଣ୍ଡା ଖେଳ ପରିଚାଳନା କରିଥିଲେ । ସବୁ ଦଳ ପରସ୍ପର ସହିତ ଖେଳିବା ପରେ ଛମୌଜ ସହିତ ଚକବିଷ୍ଣୁ ଦଳର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲରେ ଚକବିଷ୍ଣୁ ଭଲ ପ୍ରଦର୍ଶନ କରି ବିଜୟ ଲାଭ କରିଥିଲା । ବିନୋଦ ବିହାରୀ ମହାପାତ୍ର,ହାରିବାସ ଦାସ, ବିଭୂରେନ୍ଦ୍ର ଦେ,ମନୋରଞ୍ଜନ ଦତ୍ତ,ମନୋରଞ୍ଜନ ଦାସ, ପ୍ରଦୀପ କୁମାର ପ୍ରଧାନ, ନିର୍ମଳ ଚନ୍ଦ, ଅସିତ ପାତ୍ର, ଗୋବିନ୍ଦ ପ୍ରାମାଣିକ,ସଞ୍ଜୀୟ ପ୍ରାମାଣିକ, ଆଶିଷ ପତି ଓ ପାର୍ଥ ସାରଥୀ ଦାସ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ । ମା ଦୁର୍ଗା ସ୍ଟୁଡସ କ୍ଲବର ସଭାପତି ଚନ୍ଦନ କୁମାର ଧଳ, ସଂମ୍ପାଦକ ଦୁର୍ଗାଶଙ୍କର ଜେନା,ଲଲାଟେନ୍ଦୁ ପାତ୍ର,ସଞ୍ଜୀବ ପରିଡ଼ା,ହେମନ୍ତ ପାତ୍ର,ଜୀବନ କୃଷ୍ଣ ପ୍ରଧାନ, ଶିବ ବ୍ରତ ଜେନା, ଶୁଶାନ୍ତ କରଣ,ହରିପଦ ଦେ,ଉତ୍ତମ କୁମାର ଦେ,ତପନ କରଣ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିଥିଲେ ।

# ନିର୍ବାଚନ ମଣ୍ଡଳୀ ସ୍ତରୀୟ ଦ୍ୱିତୀୟ ସ୍ୱତନ୍ତ୍ର ଯୁଗ୍ମ ଜଣାଶୁଣାଣି ଶିବିର କେବେ ?

ବୈଶିଙ୍ଗା , ୧୮/୬ (ନି.ପ୍ର): ସଦର ଉପ ଖଣ୍ଡ ବାରିପଦା ଅଧୀନରେ ୧୦ ଗୋଟି ବ୍ଲକ ଥିବାରୁ ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ଓ ବଡ଼ସାହି ବ୍ଲକର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ସଠିକ ଭାବେ ହୋଇପାରୁନଥିବାରୁ ଲୋକମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିଲେ । ପ୍ରଥମଥର ନିମନ୍ତେ ଗତ ୨୦୨୫ ମସିହା ଜୁନମାସ ୨୫ ତାରିଖରେ ଏହି ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ବେତନଟୀ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା । ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ତତ୍କାଳୀନ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଉଭୟ ବ୍ଲକର ବହୁ ଅଧିକାରୀ ପ୍ରମୁଖ ଏହି ଶିବିରରେ ଯୋଗଦାନ କରି ଅଭିଯୋଗ ଶୁଣିବାସହ ସହଜ ମାମଲାର ସମାଧାନ ମଧ୍ୟ କରିଥିଲେ । ଏହି ଶିବିରରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଏହି ଶୁଣାଣିରେ ଅଂଶ ଗ୍ରହଣ କରିଥିଲେ । ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବାରିପଦା ଯାଉଥିଲେହେଁ ଅଭିଯୋଗ ଶୁଣାଣିରେ ସନ୍ତୁଷ୍ଟ ହୋଇପାରୁନଥିଲେ । ନିଜ ବ୍ଲକରେ ଏହି ଶୁଣାଣି ହେଉଥିବାରୁ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା । ଲୋକମାନେ ସମସ୍ତେ ଅଭିଯୋଗ ଥିଲେ ମଧ୍ୟ ଶୁଣାଣି ପାଇଁ ବାରିପଦା ଯାଇପାରୁନଥିବାରୁ ଉଭୟ ବ୍ଲକର ମୋଟ ୯୫୫ ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା । ଏହି ଅଭିଯୋଗ ପ୍ରକୋଷ୍ଠ ରେ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଠାରେ ନିର୍ମିତ ହୋଇ ଛାତ ପଡ଼ିବାକୁ ଯାଉଥିବା ସାମ୍ବାଦିକ ଭବନର ଛାତ ପକାଇବାକୁ ସେ ସମୟର ବିଡ଼ିଓ ସୁଶାନ୍ତ କୁମାର ସୁତାର କୌଣସି ବିଶେଷ କାରଣ ନଥାଇ ଛାତ ପକାଇବା କାମକୁ ବନ୍ଦ କରିଦେବା ନିମନ୍ତେ ବୈଶିଙ୍ଗା ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଛାତ ପଡୁନଥିଲେ ମଧ୍ୟ ପୁଲିସ ଏହି କାର୍ଯ୍ୟକୁ ବନ୍ଦ କରିଦେଇଥିଲେ, ସେହି ଦିନ ଠାରୁ ଏହି ଛାତ କାମ ବନ୍ଦ ହୋଇରହିଥିବାରୁ ସାମ୍ବାଦିକ ସଂଘର କର୍ମକର୍ତ୍ତା ବାରିପଦା ଯାଇ ଜିଲାପାଳ ଙ୍କ ଜଣାଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ, ଜିଲାପାଳ ଘଟଣା ସମ୍ପର୍କରେ ବୁଝିବେ ବୋଲି ପ୍ରକାଶ କରିଥିଲେ । ମାତ୍ର ଜିଲାପାଳ ନବୁଝିବାରୁ ବେତନଟୀ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଅଭିଯୋଗ ଶିବିରରେ ପୁଣି ଥରେ ଅଭିଯୋଗ କରିଥିଲେ ଓ ଏହି ଅଭିଯୋଗର ଶୁଣାଣିକରି ଜିଲାପାଳ ଶ୍ରୀ ସୟ ଉପସ୍ଥିତ ବିଡ଼ିଓ ଶ୍ରୀ ସୁତାରଙ୍କୁ ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶକୁ ଏକ ବର୍ଷ ପୁରିଲା ମାତ୍ର ସମାଧାନ ହୋଇପାରିଲାନାହିଁ । ଏହି ଘଟଣାର ସମାଧାନ ବିଡ଼ିଓ କରିପାରିଲେ ନାହିଁ । ପୂର୍ବରୁ କରିଥିବା ଦୁର୍ନୀତି ଅଭିଯୋଗ ରେ ବିଡ଼ିଓ ଶ୍ରୀ ସୁତାର ନିଲମ୍ବିତ ହେଲେ, ମାତ୍ର ସାମ୍ବାଦିକ ଭବନର ଛାତ ପଡିପାରିଲା ନାହିଁ । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହେଉଛି ।

# ଓଡ଼ିଶାରେ ବୟସ୍କ ବ୍ୟକ୍ତିଙ୍କ ଦେଶାନ୍ତରୀୟ ଅଧ୍ୟୟନ: ଭଦ୍ରକରେ ଚାଲିଛି ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ

ଭଦ୍ରକ, ୧୮/୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଇନିସିଏଟିଭ୍ (ଆର୍‌ଡିଆଇ), ନୂଆଦିଲ୍ଲୀ ଦ୍ୱାରା ଭାରତରେ ବୟସ୍କ ବ୍ୟକ୍ତିଙ୍କ ଦେଶାନ୍ତରୀୟ ଅଧ୍ୟୟନର ଦ୍ୱିତୀୟ ପର୍ଯ୍ୟାୟ ସର୍ଭେକ୍ଷଣ ଭଦ୍ରକ ଜିଲ୍ଲାରେ ଆରମ୍ଭ ହୋଇଛି । ଏହି ସର୍ଭେ କୁଢ଼ିଆମାଳ, ସମିଆ, ବହୁଦରଢ଼ା ଏବଂ ଭଦ୍ରକ ପୌରାଞ୍ଚଳର ୧୧ ଓ ୨୯ ନମ୍ବର ୱାର୍ଡରେ କରାଯାଉଛି । ସର୍ଭେ ସମୟରେ ବୟସ୍କ ବ୍ୟକ୍ତିଙ୍କ ରକ୍ତଚାପ, ଚକ୍ଷୁ, ଉଚ୍ଚତା, ଓଜନ ଏବଂ ଫୁସଫୁସ ସମ୍ବନ୍ଧୀୟ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଟିମ୍‌ର ଡା. ସଂଜୀବ ପଟେଲ ଓ ଅନ୍ୱେଷ ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର ପରିଚାଳକ ବଳରାମ ବେହେରା, ଅନିଲ ସ୍ୱାଇଁ, ଅଭିଷେକ ସେଠୀ, ବର୍ଷାରାଣୀ ସାହୁ, ଦୀପ୍ତୀରାଣୀ ଜେନା ଏବଂ ଏଏନଏମ୍ ସରୋଜିନୀ ବେହେରା ଏହି କାର୍ଯ୍ୟରେ ସାମିଲ ଅଛନ୍ତି ।ଡା. ପଟେଲଙ୍କ କହିବାନୁସାରେ, ୪୫ ବର୍ଷରୁ ଅଧିକ ବୟସର ନାଗରିକମାନଙ୍କ ସାମାଜିକ, ଅର୍ଥନୈତିକ, ଶାରୀରିକ, ମାନସିକ ଏବଂ ପାରିପାର୍ଶ୍ୱିକ ପରିବେଶ ଉପରେ ଏହି ଅଧ୍ୟୟନ କରାଯାଉଛି । ଏହାର ଫଳାଫଳ ଭବିଷ୍ୟତରେ ବୟସ୍କ ନାଗରିକଙ୍କ ପାଇଁ ସରକାରୀ ନୀତି ଓ ଯୋଜନା ପ୍ରଣୟନରେ ସହାୟକ ହେବ ।ଜନସଂଖ୍ୟା ବିଶାରଦ ଜମ୍ବୁବତୀ ମୁଦୁଲି ସୂଚନା ଦେଇଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ସର୍ଭେର ଫଳାଫଳ ଆଧାରରେ କେନ୍ଦ୍ର ସରକାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଏବଂ ବୟସ୍କଙ୍କ ପାଇଁ ଚିକିତ୍ସାଳୟରେ ସଂରକ୍ଷିତ ଶଯ୍ୟା ଭଳି ବିଭିନ୍ନ ଯୋଜନା ପ୍ରଚଳନ କରିଛନ୍ତି ।ପ୍ରକଳ୍ପ ନିର୍ଦ୍ଦେଶକ ସୁଶୀଲ ସାହୁ, ଡା. ସଂଜୀବ ପଟେଲ ଓ ରାଜ୍ୟ ସଂଯୋଜକ ହେମରାଜ କୁମାର ଏହି ସର୍ଭେକୁ ସଫଳ କରିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ସିଏଚଓ, ଏଏନଏମ୍, ଜନପ୍ରତିନିଧି ଓ ସାଧାରଣ ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି ।

# ଖୋର୍ଦ୍ଧା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା , ୧୮/୬ (ନି.ପ୍ର): ଏକ ମନୋଜ୍ଞ ପରିବେଶ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ର ବାର୍ଷିକ ଉତ୍ସବ ୨୦୨୬ ଜିଲ୍ଲା ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସ୍ଥାୟୀ ସଭାପତି ଶ୍ରୀ ବିଶ୍ୱନାଥ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି କହିଲେ ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଙ୍କ ନିରନ୍ତର ପ୍ରଚେଷ୍ଟା ଫଳରେ ଆଜିର କାର୍ଯ୍ୟକ୍ରମ ସଫଳ ହୋଇଛି । ନାଟକ ମନୋରଞ୍ଜନ କରିବା ସହ ସାଂସ୍କୃତିକ, ଆଧ୍ୟାତ୍ମିକ, ଚେତନା ଜାଗ୍ରତ କରିଥାଏ, ମନୁଷ୍ୟର ଏବଂ ବ୍ୟକ୍ତିର ମାନସିକ ଭାର କମାଇବା ସହ ବ୍ୟକ୍ତିର ଦକ୍ଷତା ବିକାଶରେ ସହାୟକ ହୋଇଥାଏ । ନାଟ୍ୟ ପଞ୍ଚମ ବେଦ ଭରତ ମୁନି ଙ୍କ ଅବଦାନ ବୋଲି ସେ ପ୍ରକାଶ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ସ୍ୱାସ୍ଥ୍ୟ ହିଁ ସମ୍ପଦ, ପ୍ରତ୍ୟେକ ବ୍ୟକ୍ତି ମନୋରଞ୍ଜନ ସହ କିଛି ବାହ୍ୟ ଜଗତର ଆନନ୍ଦ ପାଇଁ କ୍ରୀଡ଼ା ଓ ଯୋଗ ଭଳି କାର୍ଯ୍ୟର ଆବଶ୍ୟକତା ଅଛି ଯାହା ମୋବାଇଲ ଭଳି କେତେକ ନାକାରାତ୍ମକ ଅଭ୍ୟାସରୁ ଦୂର କରିଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ଶତପଥୀ ଯୋଗଦେଇ ଓଡ଼ିଶାର ନାଟ୍ୟ କଳାର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚଳ ଚିତ୍ର ନିର୍ଦ୍ଦେଶକ, ସୁବାଷ ଚନ୍ଦ୍ର ରଥ, ଯୁଗ ସ୍ରଷ୍ଟା ସ୍ମରଣିକା ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଅନୁଷ୍ଠାନର ଉପ ସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ଗିରିଶ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ସ୍ମରଣିକା 'ଯୁଗ ସ୍ରଷ୍ଟା' ଉନ୍ମୋଚନ କରିଥିଲେ । ସେହିପରି ସାହିତ୍ୟ, ସଂସ୍କୃତି, ସାମାଜିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମେମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଜାଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ନାଟକ ବଂଶ ବୈଭବ ପରିବେଷଣ କରାଯାଇଥିଲା ।

# ମୁସଲିମ୍ ମହିଳାମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୧୮/୬ (ନି.ପ୍ର): ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ତରଫରୁ ବାଇପାସସ୍ଥିତ ଆଶିଆନା ସଭାଗୃହରେ ଆଶିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ନୁର୍‌ଯାହାନ ସଫିଆ ନିଆଜ ସଂସ୍ଥାପକ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ନଜିରିନା ଖାନ୍, ରାଷ୍ଟ୍ରିୟ ସମିତି ସଦସ୍ୟ ଭାରତୀୟ ମୁସଲିମ୍ ଆନ୍ଦୋଳନ, ପ୍ରଫେସର ଝରଣା ପଟ୍ଟନାୟକ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓଡ଼ିଶା ସଂଯୋଜକ ବିଶ୍ୱଜିତ୍ ରାୟ, ଆଇନ୍‌ଜୀବୀ ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ମହିଳାମାନଙ୍କ ସାମାଜିକ ବଞ୍ଚନାକୁ ବୁଝିବା ଓ ତାର ସୁଧାର ପାଇଁ କାମ କରିବା ସଂଗେ ସଂଗେ ମୁସ୍‌ଲିମ୍ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ, ଆର୍ଥିକ, ରାଜନୈତି, ଧାର୍ମିକ ଓ ଆଇନ୍‌ଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ବହୁ ବିବାହକୁ ବନ୍ଧ କରିବା ସଂଗେ ସଂଗେ, ବିବାହ ପାଇଁ ଝିଅ ଓ ପୁଅମାନେ ଉପଯୁକ୍ତ ବୟସରେ ବିବାହ କରିବା ପାଇଁ ସେମାନଙ୍କୁ ସଚେତନତା କରିବା ଆବଶ୍ୟକତା ଅଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ପୈତୃକି ସମ୍ପତ୍ତିରେ ମହିଳାମାନଙ୍କର ସମାନ ଅଧିକାର ଦେବା ନିମନ୍ତେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡ଼ର କାଉନ୍‌ସିଲର, ଅଙ୍ଗନୱାଡ଼ୀ ୱାର୍କର, ଫେଲୋସିପ୍ ଓ ଆସିଆନାର କର୍ମକର୍ତ୍ତା ଓ ଅନ୍ତେବାସୀ, ଅହମଦିଆ ସଂପ୍ରଦାୟର ଲଜନା ଇମାଉଲ୍ଲାର ସଦସ୍ୟା, ଶିକ୍ଷକ,ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟା ଓ ସାଧାରଣରରେ ମହିଳାମାନେ ଯୋଗଦାନ କରିଥିଲେ ଏବଂ ଆଶିଆନାର ସଂଯୋଜକ ରିଆଜ ଅହମଦ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମଞ୍ଚେଶ୍ୱର ଥାନା ଏଏସଆଇ ରାଜେଶ କୁଲୁ ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୮/୬ (ନି.ପ୍ର): ୨୦ ହଜାର ଲାଞ୍ଚ ନେବା ପଡ଼ିଲା ମହଙ୍ଗା । ମଞ୍ଚେଶ୍ୱର ଥାନା ଏଏସଆଇ ରାଜେଶ କୁଲୁ ଚାକିରିରୁ ବହିଷ୍କୃତ ହୋଇଛନ୍ତି ।କମିଶନରେଟ୍ ପୋଲିସ୍ କାର୍ଯ୍ୟାଳୟ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତକାଲି ଗୋଟିଏ ଘଟଣାର ସମାଧାନ ପାଇଁ ୨୦ ହଜାର ଲାଞ୍ଚ ନେବା ବେଳେ ତାଙ୍କୁ ଧରିଥିଲା ଭିଜିଲାନ୍ସ । ସେହି ଥାନାର ଦୁଇ ହୋମଗାର୍ଡଙ୍କ ସମ୍ପୃକ୍ତି ଥିବା ନେଇ ସେମାନଙ୍କୁ ସୋ କଜ୍ ନୋଟିସ ଦିଆଯାଇ ଚାକିରିରୁ ବହିଷ୍କୃତ ପାଇଁ ଦିଆଯାଇଛି ନିର୍ଦ୍ଦେଶ ।

# ସାରସକ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାରିପଦା, ୧୮/୬ (ନି.ପ୍ର): ଉତ୍ତର ଓଡ଼ିଶା ଉପାନ୍ତ ଅଂଚଳସ୍ଥିତ ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର, ସାରସକଣା ଜିଲ୍ଲା ମୟୂରଭଞ୍ଜରେ ଜୁଲାଇ ୧୬ ତାରିଖ ଠାରୁ ୨୪ ତାରିଖ ୨୦୨୬ ପର୍ଯ୍ୟନ୍ତ ହେବାକୁଥିବା ରଥଯାତ୍ରା ଆୟୋଜନର ପ୍ରସ୍ତୁତି ବୈଠକ ଦେଉଳ ପରିସର କଲ୍ୟାଣ ମଣ୍ଡପ ଠାରେ ତା.୧୬.୬.୨୦୨୬ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ଦିର ପରିଚାଳନାର ମ୍ୟାନେଜିଂ ଟ୍ରଷ୍ଟି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିଲେ । କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଗତ ଫେବୃଆରୀ ମାସରେ ପୀଠରେ ଆୟୋଜନ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଅଖଣ୍ଡ ନାମ ସଂକୀର୍ତ୍ତନର ଖର୍ଚ୍ଚହିସାବ ପ୍ରଦାନ ଓ ଚଳିତ ବର୍ଷ ପାଇଁ ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ଜଗନ୍ନାଥ ସାହୁ ଆଗାମୀ ରଥଯାତ୍ରା ଆୟୋଜନର ବଜେଟ ଉପସ୍ଥାପନ କରି ଓ ଖର୍ଚ୍ଚ ଅଟକଳ ରାଶିର ଆମଦାନୀ ଆଦି ବିଷୟରେ ଆଲୋଚନା ଆଗକୁ ବଢ଼ାଇଥିଲେ । ସଭାରେ ଛେରାପହଁରା, ଶୃଙ୍ଖଳିତ ରଥଟଣା, ମାଉସୀ ମା' ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନାର୍ଥେ ଜୀଉଗଣଙ୍କ ଦୈନନ୍ଦିନ ବେଶ, ପ୍ରସାଦ ବ୍ୟବସ୍ଥା, ଯାତ୍ରା ଉପଲକ୍ଷେ ମେଳା, ମାଉସୀ ମା' ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ପ୍ରସ୍ତୁତି, ହରିକଥା ସମ୍ବଳିତ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା 'ହୋ' ଭଗତେ..' ପ୍ରକାଶନ ପ୍ରଭୃତି ବିଷୟରେ ବିଶଦ ବିଚାର ବିମର୍ଶ ଏବଂ ମତ ବିନିମୟ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ପ୍ରମୁଖ ସକ୍ରିୟ ସେବକ/ ସେବିକା ତଥା ସ୍ଥାନୀୟ ପୁରାତନ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରସାର ସମିତିର ସଭ୍ୟ ସର୍ବଶ୍ରୀ ଯତୀନ ଚନ୍ଦ୍ର ସାହୁ, ସୁରଥ କୁମାର ସାହୁ, ଅସିତ କୁମାର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ପୁଲକ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ହିମାଂଶୁ ଶେଖର ସାହୁ, ନବକିଶୋର ସେଠୀ, ଦୟାନିଧି ସାହୁ, ତପନ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ, ସୁନୀଲ କୁମାର ସାହୁ ଏବଂ ପ୍ରତାପ କୁମାର ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନବଦିନ ରଥଯାତ୍ରାର ଭବ୍ୟ ଆୟୋଜନ ପାଇଁ ଆଶା ପୋଷଣ ପୂର୍ବକ ସାରସକ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ଜଣାଇଥିଲେ । ପୀଠର ଅନ୍ୟତମ ସକ୍ରିୟ ସେବକ ସୁଧୀରଞ୍ଜନ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବିବାଦରେ ଉଦଘାଟନୀ ପ୍ରସଂଗ : ନାଁ ନେବା ପାଇଁ ବ୍ୟାକୁଳ ପୌରାଧକ୍ଷା




ଭଦ୍ରକ , ୧୮/୬ (ନି.ପ୍ର): ଭଦ୍ରକ ପୌର ପରିଷଦ ଦ୍ୱାରା ଅନୁମୋଦିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପ କୁ ଆଜି ପୌରପଧକ୍ଷା ନିଜେ କିଛି ଦଳୀୟ କର୍ମୀ ଙ୍କୁ ନେଇ ତରବରିଆ ଭାବେ ଉଦଘାଟନ କରିଦେଇ ଥିବା ବେଳେ, ଫଳକରେ ଉଲ୍ଲେଖ ଥିବା ବ୍ୟକ୍ତି ବିଶେଷ ତଥା ଲୋକସଭା ଓ ରାଜ୍ୟସଭା ସାଂସଦ, ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ଭଦ୍ରକ ଜିଲ୍ଲାପାଳ ଙ୍କ ଅନୁପସ୍ଥିତି ନେଇ ସାଧାରଣରେ ପ୍ରଶ୍ନବାଚୀ ଏବଂ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ପୌରପଧକ୍ଷା ମହାଶୟା ଏମାନଙ୍କ ଅନୁପସ୍ଥିତିରେ କାହାକୁ ନଜଣେଇଏହି ବ୍ୟକ୍ତି ବିଶେଷ ମାନଙ୍କୁ ଅଣଦେଖା କରି ନାଁ ନେବା ପାଇଁ ଏତେ ବ୍ୟାକୁଳ କାହିଁକି ବୋଲି ଚର୍ଚ୍ଚା ହେଉଥିଲା ବେଳେ କେତେଜଣ ଅସନ୍ତୋଷ ମଧ ପ୍ରକାଶ କରିଛନ୍ତି ।

# ପିପିଲି ପୁସ୍ତକ ମେଳା ଓ ଜାଗୃତି ମହୋତ୍ସବର ରଜ ଉତ୍ସବ, କବିତା ପାଠ



ପିପିଲି, ୧୮/୬ (ନି.ପ୍ର): ପିପିଲି ପୁସ୍ତକମେଳା ଓ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ସୋମନାଥ ଦେବ ମନ୍ଦିର , ମକରବା ହୁଡ଼ା, ପିପିଲି ଠାରେ ରଜ ଅବସରରେ ଏକ ସାହିତ୍ୟ ଆସର ଓ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭିକାରୀ ଧଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କବି ଡ଼. ଭଗବାନ୍ ଜୟସିଂହ ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର , ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଆଡ଼ଭୋକେଟ୍ ସୁବାସ ପରିଡ଼ା, ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ କବି କୃଷ୍ଣଚନ୍ଦ୍ର ରଥ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପସ୍ଥିତ ଥିଲେ ପିପିଲି ପୁସ୍ତକ ମେଳାର ସଂପାଦକ ଅର୍ଜୁନ ଘଡ଼େଇ ଓ ଜାଗୃତି ଯୁବ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର । ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ସତ୍ୟାନନ୍ଦ ଦାସ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କବି ମନରେ କବିତା କିପରି ସୃଷ୍ଟି ହୁଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପିପିଲି ପୁସ୍ତକ ମେଳାର ସଂଗଠନ ସଂପାଦକ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ରଜ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ପିପିଲି ପୁସ୍ତକ ମେଳାର ଉପସଭାପତି ସନାତନ ଆଚାର୍ଯ୍ୟ । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସାଂସ୍କୃତିକ ସଂପାଦକ ଓ ସୁଲେଖକ ରଘୁନାଥ ଜେନା, ସହ ସମ୍ପାଦକ ଡ଼. ସତ୍ୟନାରାୟଣ ମିଶ୍ର ଓ କୋଷାଧ୍ୟକ୍ଷ ବୈଜୟନ୍ତୀ ସାହୁ । କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ ଡ଼. ସରୋଜିନୀ ପଟ୍ଟନାୟକ ଓ ବିଚିତ୍ରା ବେହେରା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶ୍ରୀ ସୋମନାଥଦେବ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହେଇଥିଲା । କବିତା ପାଠୋତ୍ସବ ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀମତୀ ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଶ୍ରୀ ସୋମନାଥଦେବ ମନ୍ଦିର ପରିଚାଳନା କମିଟି ଓ ଜାଗୃତି ଯୁବ ସଂଗଠନ ତରଫରୁ ବର୍ଣ୍ଣାଢ଼୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ନୃତ୍ୟଗୀତରେ ପାରଦର୍ଶିତା ଦର୍ଶାଇଥିବା କିଶୋରୀ ବାଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ କରାଯାଇଥିଲା ।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୮/୬ (ନି.ପ୍ର): ଆଜି ଭୋଇ ସାହି ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ବିଜେପି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ରେ କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷର ସଫଳତା କିପରି ପଞ୍ଚାୟତ ଓ ବୁଥ୍ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ଆଲୋଚନା କରିଥିଲେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଜିଲ୍ଲା ର ମୋଟ ୩୩ ଟି ମଣ୍ଡଳ ର ପ୍ରଭାରୀ ଙ୍କ ସହ ଜିଲ୍ଲା ବିଜେପିର ସଧାରଣ ସମ୍ପାଦକ ତଥା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋରୋ ବିଧାନ ସଭା ପ୍ରଭାରି ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସଂପାଦକ ତଥା ସିମୁଳିଆ ବିଧାନ ସଭା ପ୍ରଭାରି ରାଜେଶ୍ ମହାପାତ୍ର,ରେମୁଣା ପ୍ରଭାରୀ ତଥା ଜିଲ୍ଲା ସଂପାଦକ ଚିତ୍ତରଞ୍ଜନ ପଣ୍ଡା, ସଦର ବିଧାନ ସଭା ପ୍ରଭାରି ତଥା ଜିଲ୍ଲା ବିଜେପି ଉପ ସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଯଥାକ୍ରମେ ମନ୍ କି ବାତ୍, ବୁଥ ଓ ଶକ୍ତି କେନ୍ଦ୍ର ସ୍ତରୀୟ ବୈଠକ ଓ ଜୁନ ୨୧ ତାରିଖ ରେ ଥିବା ଯୋଗ ଦିବସ ସମ୍ବନ୍ଧୀୟ ଆଲୋଚନା କରିଥିଲେ , ବୈଠକ ପ୍ରାରମ୍ଭ ରେ ରାଷ୍ଟ୍ରିୟ ବନ୍ଦନା ଓ ଶେଷ ରେ ରାଷ୍ଟ୍ରିୟ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା ।

# ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ



ବାସୁଦେବପୁର, ୧୮/୬ (ନି.ପ୍ର): ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ କୃଷି ବିଭାଗ ପକ୍ଷରୁ ବ୍ଲକ୍ ସ୍ତରୀୟ କୃଷକ ସମ୍ବାଦରେ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ବିଡ଼ିଓ ତନ୍ମିତା କର, ବ୍ଲକ୍ କୃଷି ଅଧିକାରୀ ସ୍ମରଣିକା ବିଶ୍ୱାଳ, ସହକାରୀ ଉଦ୍ୟାନ ଅଧିକାରୀ ସୂର୍ଯ୍ୟ ପ୍ରକାଶ ମିଶ୍ର, କୃଷି ସହ ଅଧିକାରୀ ପ୍ରୀତି ପଲ୍ଲବୀ, ଏ ଏଫ୍ ଓ ଲକ୍ଷ୍ମୀ ରାଣୀ ମାରାଣ୍ଡି, ମୃତ୍ତିକା ସଂରକ୍ଷଣ ବିଭାଗ ରେ ସୁମତି ମହାକୁଲ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଜୈବିକ କୃଷି ସମ୍ପର୍କରେ ବିଶେଷ ଭାବରେ ଏହି କର୍ମଶାଳାରେ ଆଲୋଚନା କରା ଯାଇଥିଲା । ଏହି କର୍ମଶାଳାରେ ପ୍ରୀତି ପଲ୍ଲବୀ ସଭାପତିତ୍ୱ କରିଥିଲେ ଏବଂ ବ୍ଲକ୍ କୃଷି ଅଧିକାରୀ ସ୍ମରଣିକା ବିଶ୍ୱାଳ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ଚାଷୀ ଭାଇ ମାନେ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida